ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.233 Bhubaneswar Wednesday, November 03, 2021 | ୨୪ତମ ବର୍ଷ ସଂଖ୍ୟା–୨୩୩ ଭୁବନେଶ୍ୱର, ବୁଧବାର, ନଭେମ୍ବର ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହେଲା ସମ୍ବଲପୁର




- ଉପକାର ପାଇବେ ୭ ଲକ୍ଷ ୭୩ ହଜାର
- ସମ୍ବଲପୁରରେ ୧୫୫୩ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ
- ମା ସମଲେଇଙ୍କ ପୀଠର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ
- ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ଜରୁରୀ ଚିକିତ୍ସା ପାଇଁ ୧୪୭ କୋଟି ଟଙ୍କାର ପାଣ୍ଠି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର, ୨।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କୁଚିଣ୍ଡାରେ ସମ୍ବଲପୁର ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୭ ଲକ୍ଷ ୭୩ ହଜାର ଲୋକ ଏହି ସୁବିଧା ପାଇବେ ।କୁଚିଣ୍ଡା ର ସରସ୍ୱତୀ ଭୋଇ ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ କାର୍ଡ଼ ଗ୍ରହଣ କରିଥିଲେ । ସମ୍ବଲପୁର ସହିତ ରାଜ୍ୟର ୮ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା । ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶରେ ସମ୍ବଲପୁରର ଅବଦାନ ବିଷୟରେ ଆଲୋକପାତ କରି କହିଥିଲେ ଯେ ରାଜ୍ୟର ସଂସ୍କୃତି, ରାଜନୀତି, ଶିକ୍ଷା, ଇତିହାସ, ଅର୍ଥନୀତି ସବୁକ୍ଷେତ୍ରରେ ସମ୍ବଲପୁରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ବଲପୁରୀ ଶାଢୀ, ସମ୍ବଲପୁରୀ ଗୀତ ଓଡିଶାର ମହାନ ସଂସ୍କୃତିର ପରିଚୟ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା ସମଲେଇଙ୍କ ଆଶୀର୍ବାଦ ପାଇଁ ଲକ୍ଷ ଲକ୍ଷ ଭକ୍ତ ମା'ଙ୍କ ପୀଠକୁ ଆସୁଛନ୍ତି। ତେଣୁ ଏ ପୀଠର ବିକାଶ ପାଇଁ ସରକାରଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ମାର୍ଟ ହେଲ୍ ?ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ । ଏହାଦ୍ୱାରା ଆମର ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ଅନେକ ସମସ୍ୟାରୁ, ବିଶେଷକରି ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ । ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ ହୁଅନ୍ତି, ପିଲାଙ୍କ ପାଠପଢା ବନ୍ଦ କରନ୍ତି, ସେ ସବୁ ସମସ୍ୟା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ। ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ ବଡ ହସ୍ ?ପିଟାଲରେ ଭଲ ଚିକିତ୍ସା ପାଇପାରିବେ । ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍ସା ବାଲା - ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ ।ଆମ ପାଇ ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କରୋନା ସମୟରେ ସବୁ ରୋଗୀଙ୍କ ପାଇଁ ଟେଷ୍ଟିଂ ଠାରୁ ଆରମ୍ଭ କରି ଟ୍ରିଟ୍‌ମେଣ୍ଟ ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି ।ଏହି ଅବସରରେ ସଡକ ଦୁର୍ଘଟଣାରେ ବହୁ ଲୋକଙ୍କର ମୃତ୍ୟୁ ହେଉଥିବା ସଂପର୍କରେ ଚିନ୍ତାପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ କ୍ଷେତ୍ରରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇ ପାରିଲେ, ଅନେକ ମୂଲ୍ୟବନ ଜୀବନ ବଞ୍ଚାଇ ହେବ । ଆହତ ଲୋକଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଦୁର୍ଘଟଣା କ୍ଷେତ୍ରରେ ପ୍ରଥମ ୪୮ ଘଣ୍ଟା ମଧ୍ୟରେ ଚିକିତ୍ସା ଯୋଗାଇ ଦେବା ଅତି ଜରୁରୀ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପାଣ୍ଠି ଜରିଆରେ ଦୁର୍ଘଟଣାର ପ୍ରଥମ ୪୮ ଘଣ୍ଟା ମଧ୍ୟରେ ସମସ୍ତ ଚିକିତ୍ସା ଖର୍ଚ୍ଚ ଏହି ପାଣ୍ଠିରୁ ବହନ କରାଯିବ। ମୁଖ୍ୟମନ୍ତ୍ରୀ ଆଜି ସମ୍ବଲପୁରରେ ୧୫୫୩ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଆରମ୍ଭ କରିଥିଲେ ଏବଂ ଏଥିରୁ ୩୫୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଭଲ ପିଇବା ପାଣି ଉପରେ ଗୁରୁତ୍ୱ ଦେଉଛନ୍ତି । ଆଜି ସମ୍ବଲପୁରରେ ପିଇବା ପାଣି ପାଇଁ ୧୦୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଗାଁ ଓ ସହର ସବୁ ପରିବାର ପାଖରେ ପିଇବା ପାଣି ପହଞ୍ଚିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୁଚିଣ୍ଡା ଓ ରେଢାଖୋଲ ଏନ୍.ଏ.ସି.ର ସବୁ ଘରକୁ ପାଇପ ପାଣି ଯୋଗାଇ ଦିଆଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୨ରେ ସମ୍ବଲପୁର ଜିଲ୍ଲାର ପ୍ରତି ଘରକୁ ପାଇପ ପାଣି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ ଦାସ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ, ସରକାରୀ ଦଳର ଉପମୁଖ୍ୟ ସଚେତକ ଶ୍ରୀ ରୋହିତ ପୂଜାରୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ଉଚ୍ଚ୍ରପ୍ରଶଂସା କରିଥିଲେ । BSKY Smart Card ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦେବା ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ସେମାନେ ବର୍ଣ୍ଣନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡିଶାରେ ଆଜି ଗରିବ ଲୋକ ନିଜକୁ ସୁରକ୍ଷିତ ମନେ କରୁଛି। ଗରିବ ଲୋକଙ୍କୁ ବିଭିନ୍ନ ଯୋଜନାରେ ଦିଆଯାଉଥିବା ସାମାଜିକ ଓ ଅର୍ଥିକ ସୁରକ୍ଷା ସେମାନଙ୍କୁ ସଶକ୍ତ କରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

# ରାଜଧାନୀରେ ଚାଞ୍ଚଲ୍ୟ, ସ୍ତ୍ରୀ ଓ ପୁଅକୁ ତଣ୍ଟି ଚିପି ମାରିଦେଲା

ଭୁବନେଶ୍ୱର (ଓଡିଶା ରିପୋର୍ଟର): ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଡବଲ୍ ମର୍ଡରର ହୋଇଛି ପର୍ଦ୍ଦାଫାଶ। ମାଆ ଓ ପୁଅର ମୃତଦେହ ଉଦ୍ଧାରର କିଛି ସମୟ ଭିତରେ ଧରାପଡିଛି ହତ୍ୟାକାରୀ। ଏହି ହତ୍ୟା ଆଉ କେହି ନୁହେଁ ବରଂ ମହିଳାଙ୍କ ସ୍ୱାମୀ ଘଟାଇଛି। ଭୁବନେଶ୍ୱର ଡିସିପି ଗଣମାଧ୍ୟମକୁ ଏହାର ସୂଚନା ଦେଇଛନ୍ତି ।ତମାଣ୍ଡୋ ଥାନା ଅଧିକ କଳିଙ୍ଗ ନଗର କେ-୪ ଫୋର ଅଞ୍ଚଳରେ ଏକ ଘର ଭିତରୁ ମାଆ ଓ ପୁଅଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳାଙ୍କ ନାଁ ସ୍ୱର୍ଣ୍ଣଲତା ମଙ୍ଗରାଜ। ସ୍ୱର୍ଣ୍ଣଲତା ଓ ତାଙ୍କ ୯ ବର୍ଷର ପୁଅକୁ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଣାସ୍ଥଳରୁ ଫେରାର ମାରିଥିଲା ମହିଳାଙ୍କ ସ୍ୱାମୀ ଅବନ୍ତୀ ମଙ୍ଗରାଜ ।ତେବେ ପରେ ତାକୁ ଅଟକ ରଖାଯାଇଥିବା ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ଅବନ୍ତୀ ମଙ୍ଗରାଜ, ପତ୍ନୀ ଓ ପୁଅକୁ ହତ୍ୟା କରିଥିବା ନେଇ ପୁଲିସ ଆଗରେ ମାନିଥିବା ଡିସିପି କହିଛନ୍ତି। ଘଟଣାସ୍ଥଳରେ ଡିସିପିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଅଛନ୍ତି। ତେବେ ଅବନ୍ତୀ କାହିଁକି ଏବଂ କେଉଁ ପରିସ୍ଥିତିରେ ଏ ହତ୍ୟାକାଣ୍ଡ ଘଟାଇଲା ସେ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଡିସିପି କହିଛନ୍ତି, ଅବନ୍ତୀ ମଙ୍ଗରାଜ ନାମକ ଜଣେ ଯୁବକ ନିଜ ଭଣଜାକୁ ଫୋନ୍ କରି ଜଣାଇଥିଲେ ଯେ ମୁଁ ମୋର ସ୍ତ୍ରୀ ଓ ପୁଅକୁ ହତ୍ୟା କରିଛି। ତେଣୁ ମୁଁ ଆତ୍ମହତ୍ୟା କରିବାକୁ ଯାଉଛି। ଆଉ ଭଣଜା ତୁରନ୍ତୁ ପୁଲିସକୁ ସୂଚନା ଦେଇଥିଲେ। ବର୍ତ୍ତମାନ ଅବନ୍ତୀକୁ ଅଟକ ରଖାଯାଇଛି। ସେ ମଧ୍ୟ ନିଜ ସ୍ତ୍ରୀ ଓ ପୁଅକୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଛି ।ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ନଗର ଅଞ୍ଚଳରେ ରୁହନ୍ତି ସ୍ୱର୍ଣ୍ଣଲତା, ତାଙ୍କ ସ୍ୱାମୀ ଓ ୧୦ ବର୍ଷର ପୁଅ। ଆଜି କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନଙ୍କ ଘରର କବାଟ ଖୋଲି ନଥିଲା। ଅପରାହ୍ନରେ ଘର ଭିତରେ ସ୍ୱର୍ଣ୍ଣଲତା ଓ ତାଙ୍କ ପୁଅଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଏନେଇ ତମାଣ୍ଡୋ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମାତ୍ର ସେହି ସମୟରେ ଘରେ ସ୍ୱର୍ଣ୍ଣଲତାଙ୍କ ସ୍ୱାମୀ ନଥିଲେ।

# କିସ୍- ୟୁଏନ୍‌ଡିପି ମଧ୍ୟରେ ବୁଝାମଣା




ଭୁବନେଶ୍ୱର, ୨।୧୧(ପି.ଏନ): ଓଡ଼ିଶାରେ ଜନଜାତି ଓ ସ୍ଥାୟୀ ବିକାଶ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ମଙ୍ଗଳବାର କିସ୍ ଓ ୟୁଏନ୍‌ଡିପି ମଧ୍ୟରେ ବୁଝାମଣା ହୋଇଛି। ଏହି ବୁଝାମଣା ପତ୍ରରେ କିସ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ୟୁଏନ୍‌ଡିପି ପକ୍ଷରୁ ୟୁଏନ୍‌ଡିପିର ଭାରତ ମୁଖ୍ୟ ଶୋକା ନୋଡା ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଅନୁଯାୟୀ ୟୁଏନ୍‌ଡିପି ଓ କିସ୍ ମିଳିତ ଭାବେ ସ୍ଥାୟୀ ବିକାଶ ଲକ୍ଷ୍ୟ ପର୍ଯ୍ୟବେସିତ ଜନଜାତି ଗବେଷଣା କାର୍ଯ୍ୟକ୍ରମ, କ୍ୟାରିଅର ମାର୍ଗଦର୍ଶନ ଜରିଆରେ ଜନଜାତି ଛାତ୍ରଛାତ୍ରୀଙ୍କୁ ଦକ୍ଷ କରାଇବା, ପ୍ରାକୃତିକ ସମ୍ବଳ ବିଶେଷ କରି ଜଳ ଓ ଜୈବମଣ୍ଡଳର ପରିଚାଳନା କରି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ସେଠାକାର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବେ। ଏହି ଅବସରରେ ୟୁଏନ୍‌ଡିପିର ଭାରତ ମୁଖ୍ୟ ଶ୍ରୀମତୀ ନୋଡା କହିଲେ, ମୁଁ ମୋର ୨୫ବର୍ଷ କ୍ୟାରିଅର ମଧ୍ୟରେ କିସ୍ ଭଳି ଅନୁଷ୍ଠାନ କୌଣସିଠାରେ ଦେଖିନାହିଁ। କିସ୍ ପରିଦର୍ଶନ କରି ମୁଁ ଅଭିଭୂତ ବୋଲି ସେ କହିଥିଲେ। କିସ୍ ହେଉଛି ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀମତୀ ନୋଡ଼ା କହିଥିଲେ। କିସ୍ ଏବଂ ୟୁଏନ୍‌ଡିପି ଉଭୟ କ୍ଷୁଧା ଓ ଦାରିଦ୍ର୍ୟ ଦୂରୀକରଣ ଦିଗରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ଜନଜାତି ଅଧ୍ୟୁଷିତ ଅଞ୍ଚଳର ସାମଗ୍ରିକ ବିକାଶ ଲାଗି କିସ୍ ସହ ମିଶି ୟୁଏନ୍‌ଡିପି କାର୍ଯ୍ୟ କରିବାକୁ ଯାଉଥିବାରୁ ମୁଁ ବହୁତ ଖୁସି ବୋଲି ସେ କହିଥିଲେ। ୟୁଏନ୍‌ଡିପି କିସ୍ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଯାଉଥିବାରୁ ଶ୍ରୀ ସାମନ୍ତ ୟୁଏନ୍‌ଡିପି ଓ ଶ୍ରୀମତୀ ନୋଡାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ, ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ କିସ୍ ଦୀର୍ଘ ୩ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୟୁଏନ୍‌ଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ୟୁନ୍‌ଏନ୍‌ଡିପିର ବରିଷ୍ଠ ପଦାଧିକାରୀ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେଓର ସସ୍ମିତାରାଣୀ ସାମନ୍ତଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୨୮ ତାରିଖରେ ନୂଆଦିଲ୍ଲୀଠାରେ ସାମାଜିକ ଓ ଭାବାତ୍ମକ ଶିକ୍ଷା ଉପରେ ଅନ୍‌ଲାଇନ୍ ପାଠ୍ୟକ୍ରମ ସକାଶେ କିଟ୍-କିସ୍ ଓ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଫର ପିସ୍ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଣ୍ଟ (ଏମ୍‌ଜିଆଇପି) ମଧ୍ୟରେ ଏକ ମିଳିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

# ଖୋଲିଲା ଶିମିଳିପାଳ ଜାତୀୟ ଉଦ୍ୟାନ : ବଙ୍ଗୀୟ ପର୍ଯ୍ୟଟକଙ୍କ ପ୍ରବଳ ଭିଡ



ବାରିପଦା, ୨।୧୧(ପି.ଏନ): ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ମୟୂରଭଞ୍ଜ ଜିଲ୍ଲାରେ ଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟ ଆଜି ଠାରୁ ଖୋଲିଲା ପରିବେଶ ପ୍ରମିଙ୍କ ପାଇଁ। ପୂର୍ବରୁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ଶିମିଳିପାଳ ଅଭୟାରଣ୍ୟକୁ କେବଳ ପରିଭ୍ରମଣ କରି ଫେରିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଉଭୟ ଲୁଲୁଙ୍ଗ ଏବଂ ଯଶୀପୁର ଫାଟକ ଦେଇ ଅନୁମତି ପାଶ ନେଇ ଯାଇପାରିବେ। ରାତ୍ରୀ ଯାପନ କରିବାକୁ ଚାହୁଁଥିବା ପର୍ଯ୍ୟଟକମାନେ OTDC ୱେବସାଇଟରେ ଅନଲାଇନରେ ବୁକିଙ୍ଗ କରି ଏହି ସୁବିଧା ନେଇ ପାରିବେ ବୋଲି ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ତେବେ କୋଭିଡ କଟକଣା ଭିତରେ ପରିଭ୍ରମଣ ସମୟରେ ନିର୍‌ଦିଷ୍ଟ କେତେକ ନିୟମ କାନୁନ ପାଳନ କରିବାକୁ ଏହି ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି। ତେବେ ପର୍ଯ୍ୟଟକଙ୍କ ପାଇଁ ପ୍ରତ୍ୟେକ ଦିନ ଯଶୀପୁର ତନଖି ଫାଟକ ଦେଇ ୩୫ଟି ଓ ବାରିପଦା ପୀଠବଟା ତନଖି ଫାଟକ ଦେଇ ୨୫ଟି ପର୍ଯ୍ୟଟକଙ୍କ ଗାଡିକୁ ପ୍ରବେଶ ପାଇଁ ଅନୁମତି ମିଳିବ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ବିଭିନ୍ନ ରାତ୍ରିରହଣି କଟେଜ୍‌ଗୁଡିକ ଅନେକ ରଙ୍ଗବେରଙ୍ଗରେ ସଜେଇ ହୋଇଛି। ୨୭୫୦ ବର୍ଗ କି.ମି. ପରିମିତ ଜାତୀୟ ଉଦ୍ୟାନ ଶିମିଳିପାଳ ଭିତରେ ପର୍ଯ୍ୟଟକଙ୍କ ରାତ୍ରୀ ଯାପନ ପାଇଁ ଗୁରୁଗୁଡ଼ିଆ, କୁମାରୀ, ବରେହିପାଣି, ଜାମୁଆଣି ଓ ରାମତୀର୍ଥରେ କଟେଜ୍ ?ଗୁଡିକ ରହିଥିବା ବେଳେ ପର୍ଯ୍ୟଟକଙ୍କ ମନ ମୋହିବାକୁ ଶିମିଳିପାଳ କୋଳରେ ବହିଯାଉଥିବା ବରେହିପାଣି, ଉସ୍କି, ଜୋରନ୍ଦା ପରି ଅନେକ ଜଳପ୍ରପାତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ତେବେ ଏହି ଶିମିଳିପାଳ ଜାତୀୟ ଉଦ୍ୟାନ ଖୋଲିବା ପରେ ପର୍ଯ୍ୟଟକ ଓ ଛୋଟ ବଡ ବ୍ୟବସାୟୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantarav.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ପାଇଁ ଆନ୍ଦୋଳନକୁ ଓହ୍ଲାଇଲେ, ୩ଦଫା ଦାବୀ ପୂରଣ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ




କେନ୍ଦୁଝର,(ପି.ଏନ): ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଜରିଆରେ ୩ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଶତାଧିକ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ କାଳୀପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ନିଜର ଦାବିପତ୍ର ପ୍ରଦାନ କରିଥିଲେ। ପୁନଶ୍ଚ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରା ଯାଇ ବିଭିନ୍ନ ପ୍ରକାର ନାରା ଦେଇଥିଲେ। କେନ୍ଦୁଝର ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ର ସଭାପତି ଆଶିଷ କୁମାର ନାୟକଙ୍କ ଅନୁଯାୟୀ ରାଜ୍ୟ ସରକାର ଗତ ୧୧ ତାରିଖରେ କ୍ୟାବିନେଟ ବୈଠକରେ ୨୦୧୩ ମସିହାର ଚୁକ୍ତିଭିତ୍ତିକ ପ୍ରଥା ଉଠାଇ ଦେଇଥିଲେ ମଧ୍ୟ ଏହି ସୁବିଧାରୁ ରାଜ୍ୟରେ କାର୍ଯ୍ୟ କରୁଥିବା ୧୫ହଜାର ରୁ ଉର୍ଦ୍ଧ୍ୱ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଞ୍ଚିତ କରିଛନ୍ତି। ରାଜ୍ୟର ସମସ୍ତଙ୍କ ପାଇଁ ଗୋଟିଏ ନିୟମ ଲାଗୁ ହେଉଥିବାବେଳେ କନିଷ୍ଠ ଶିକ୍ଷକମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଆଜିର ମହଙ୍ଗା ଯୁଗରେ ସମସ୍ତ ଜିନିଷପତ୍ର ର ଦରଦାମ ହୁ ହୁ ହୋଇ ବଢୁଥିବାବେଳେ ମାସିକ ୬୫୧୨ ଟଙ୍କାରେ ନିଜ ଘର ଠାରୁ ଶହ ଶହ କିମି ଦୂରରେ ଅନ୍ୟ ଏକ ଜିଲ୍ଲାରେ ଚାକିରୀ କରି ନିଜ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡିଲାଣି। ବର୍ଦ୍ଧିତ ଦରଦାମ ସାଙ୍ଗକୁ ସ୍ୱଳ୍ପ ଦରମା ଶିକ୍ଷକମାନଙ୍କୁ ଆହୁରି ଚାପଗ୍ରସ୍ତ କରୁଛି। ଫଳତଃ ଶିକ୍ଷକ ଗୋଷ୍ଠିରେ ନୈରାଶ୍ୟର ଛାୟା ଖେଳିଯାଇଛି। ତେଣୁ ରାଜ୍ୟ ସରକାର କନିଷ୍ଠ ଶିକ୍ଷକମାନଙ୍କର ମଧ୍ୟ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରି ସେମାନଙ୍କୁ ଇନିସିଆଲ୍ ଆପୋଇଣ୍ଟି ରେ ସାମିଲ କରିବାକୁ ସଂଘ ଦାବି କରିଥିଲେ। କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀ ଅତିକୁଶଳୀ(ତାଲିମପ୍ରାପ୍ତ) ହୋଇଥିବାରୁ ଦରମା ସର୍ବନିମ୍ନ ୧୬ହଜାର କରିବା ସହ ଏହାକୁ ୨୦୧୬ ମସିହାରୁ ଲାଗୁ କରାଯାଉ ବୋଲି ଦାବୀ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସଂପାଦକ ଗୁଲଶନ ପଣ୍ଡା,ଯୁଗ୍ମ ସଂପାଦକ ଶୁଭ୍ରାଂଶୁ ଶେଖର ରାଉତ,କାର୍ଯ୍ୟକାରୀ ସଭାପତି ସୁବ୍ରତ ମଲ୍ଲିକ,ସୌମ୍ୟରନ ସ୍ୱାଇଁ,ନରେଶ ସ୍ୱାଇଁ,ଡାଇନା ମୁଦୁଲି,ଝୁନୁବାଳା ମିଶ୍ର,ତୃପ୍ତିମୟୀ ସାହୁ,ହିରାଲାଲ ଦଣ୍ଡପାଟ ଙ୍କ ସମସ୍ତ ବ୍ଲକର ସଭାପତି ଓ ସଂପାଦକ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ସରକାର ଦରମା ବୃଦ୍ଧି ଦିଗରେ ଖୁବଶୀଘ୍ର ପଦକ୍ଷେପ ନନେଲେ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## କମୁଛି ମାଟି ଦୀପର ଚାହିଦା, ରୋଜଗାର ହରାଉଛନ୍ତି କୁମ୍ଭକାର

ଘଷିପୁରା,(ପି.ଏନ): ମହାମାରୀ କରୋନା ଯୋଗୁଁ ଦୀପାବଳି ଉତ୍ସବ ଏଥର ମଧ୍ୟ ଫିକା ପଡିଯାଇଛି । ଆଉମାତ୍ର ୨ଦିନ ପରେ ଆଲୋକର ପର୍ବ ଦୀପାବଳି । ଦୀପାବଳିର ପ୍ରମୁଖ ଆକର୍ଷଣ ଘରେ ଘରେ ମାଟି ତିଆରି ଦୀପ ଜଳାଇ ଘରକୁ ଆଲୋକିତ କରିବା । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ କୁମ୍ଭକାରମାନେ ମାଟି ଦୀପ ତିଆରି କରି ବେଶ୍ ଦୁଇପଇସା ରୋଜଗାର କରିବାକୁ ଲକ୍ଷ ରଖିଥାନ୍ତି । ମାତ୍ର ଏବେ ମାଟି ଦୀପ ପ୍ରତି ଲୋକେ ମୁହଁ ଫେରାଉଛନ୍ତି । ମାଟି ଦୀପ ପରିବର୍ତ୍ତେ ରଙ୍ଗୀନ ଲାଇଟରେ ଘର ସଜାଇବାକୁ ବେଶି ପସନ୍ଦ କରୁଛନ୍ତି । ଯାହାକି ମାଟି ଦୀବର ଚାହିଦା ଯଥେଷ୍ଟ ହ୍ରାସ ପାଉଛି । ଆନନ୍ଦପୁର ଉପଖଣ୍ଡ ଦେଓଗାଁର କୁମ୍ଭକାରମାନେ ସେମାନଙ୍କ କୌଳିକ ବୃତ୍ତି ଛାଡି ନାହାଁନ୍ତି । ଦେଓଗାଁର ନବଘନ ସାହୁ, ରୁଲତା ସାହୁ, ରେବତୀ ସାହୁ, ବିଦ୍ୟୁତ୍‌ପ୍ରଭା ସାହୁ ପ୍ରମୁଖ ଦୀପାବଳି ପାଇଁ ଦୀପ ତିଆରିରେ ଲାଗି ପଡିଛନ୍ତି । ପରିବାରଙ୍କ ଦ୍ୱାରା ପ୍ରସ୍ତୁତ ମାଟି ଦୀପ ସ୍ଥାନୀୟ କୁଶଳେଶ୍ୱର ମହାଦେବ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର ମାନଙ୍କୁ ଯୋଗାଇ ଦେଇ ଆସୁଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରାନ୍ତକୁ ମଧ୍ୟ ପଠାଇଥାନ୍ତି । ମାତ୍ର ବର୍ତ୍ତମାନର ମହଙ୍ଗା ବଜାରରେ ସେମାନଙ୍କୁ ପରିଶ୍ରମର ଉଚିତ୍ ମୂଲ୍ୟ ମିଳୁନଥିବା ଅଭିଯୋଗ କରିଛନ୍ତି । କେବଳ କୌଳିକ ବୃତ୍ତିକୁ ରକ୍ଷା କରିବାକୁ ମାଟି ନିର୍ମିତ ସରାମ କାମ ଜାରି ରଖିଛନ୍ତି । ତେବେ ରଙ୍ଗୀନ ଆଲୋକ ପ୍ରତି ଲୋକଙ୍କ ଆଗ୍ରହ ଥିଲେ ମଧ ଦୀପାବଳିରେ ମାଟି ଦୀପର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି ବୋଲି କାରିଗରମାନେ କହିଛନ୍ତି ।

# ବାପୁଜୀଙ୍କ ଓଡିଶା ଆଗମନର ବାର୍ଷିକୀ ଅବସରରେ 'ଗାନ୍ଧୀ କଥା'




ହରିଚନ୍ଦନପୁର,(ପି.ଏନ): ଆଜି ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ପଂଚାୟତର ରମାକୋଟ ଓ ସରଧାପଶି ଗ୍ରାମର ମହିଳା ଓ ଶିଶୁ ମାନଙ୍କ ନେଇ ଶରଧାପଶି ଠାରେ ଆସ ଶୁଣିବା ଗାନ୍ଧୀ କଥା ଅନୁଷ୍ଠିତ ହୋଇଯାଇଛି । ଓଡିଶା ଗାନ୍ଧୀ ବିଚାର ପରିଷଦ ଓ ସଂଯୋଗର ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବାପୁଜୀଙ୍କ ଓଡିଶା ଆଗମନର ବାର୍ଷିକୀ ପାଳନ କରାଯାଇଛି । ଓଡିଶା ଗାନ୍ଧୀ ବିଚାର ପରିଷଦ ତରଫରୁ ନୂତନ ଭାବେ ପ୍ରକାଶିତ ଗାନ୍ଧୀଜୀ ଜୀବନ ରେଖା ପୁସ୍ତକ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଡକ୍ଟର ବିମ୍ବାଧର ବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନରେଶ କୁମାର ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ରଙ୍ଗାପାଟ କୃଷକ ଉତ୍ପାଦନ କମ୍ପାନୀର ସଭାପତି ଶ୍ରୀମତୀ ଶାନ୍ତିଲତା ପାତ୍ର ପ୍ରମୁଖ ଯୋଗ ଦେଇ ଗାନ୍ଧୀଜୀଙ୍କ ଅହିଂସା ମାର୍ଗ, ଗ୍ରାମ ସ୍ୱରାଜ,ରଚନାତ୍ମକ କାର୍ଯ୍ୟ, ନାରୀ ଶକ୍ତିର ବିକାଶ, ଗାନ୍ଧୀଜୀଙ୍କ ବୁନିଆଦି ଶିକ୍ଷା ଦ୍ୱାରା ସ୍ୱାବଲମ୍ବନଶୀଳ ସମାଜ ଗଠନ ହୋଇ ପାରିବ ବୋଲି ବୁଝାଇ ଥିଲେ । ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷା ଗାନ୍ଧୀ ତତ୍ତ୍ୱବିତ୍ ଶ୍ରୀ ଭକ୍ତବତ୍ସଳ ମହାନ୍ତି କହିଲେ କସ୍ତୁରବା ଙ୍କ ସହ ୭ବର୍ଷ ବୟସରେ ମୋହନ ଦାସଙ୍କ ନିର୍ବନ୍ଧ ହୋଇଥିଲା । ୧୩ବର୍ଷ ବୟସରେ ଗାନ୍ଧୀଜୀ ବାଲ୍ୟ ବିବାହ କରିଥିଲେ । କସ୍ତୁରବା ଗାନ୍ଧୀଙ୍କ ଠାରୁ ୬ମାସ ବଡ ଥିଲେ । ୧୮୮୫ ନଭେମ୍ବର ମାସରେ କସ୍ତୁରବାଙ୍କ ପୁଅଟିଏ ଜନ୍ମ ଦିନରେ ମୃତ୍ୟୁବରଣ ହେଲା। ଏବେ ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ରେ କାର୍ଯ୍ୟକାରୀ ହୋଇଛି । ସଶକ୍ତନାରୀଟିଏ ଗଢିବାକୁ ହେଲେ ୧୮ବର୍ଷ ପରେ ଝିଅ ଓ ୨୧ବର୍ଷ ପରେ ପୁଅ ବାହାଘର ହୋଇପାରିବ । ଏ ଆଇନ୍ ନମାନି ବାହାଘର କଲେ ୨ବର୍ଷ ଜେଲ ଓ ୧ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଗର୍ଭାବସ୍ଥାରେ ମଦ୍ୟପାନ ମା'ପାଇଁ ବିପଦ ଅଟେ । ନିଶାନିବାରଣ, ମଦମୁକ୍ତ ଗ୍ରାମ ଗଢିବା, ଗ୍ରାମରେ ବାଲ୍ୟ ବିବାହ କରାଇ ନଦେବା, ଗୋଷ୍ଠୀଗତ ଭାବେ ଜଙ୍ଗଲ ସୁରକ୍ଷା କରିବା, ପ୍ରତ୍ୟକ ପିଲାଙ୍କୁ ବିଦ୍ୟାଳୟ ପଠାଇବା ପାଇଁ ଉପସ୍ଥିତ ମହିଳା ମାନେ ସାମୁହିକ ଶପଥ ଗ୍ରହଣ କରିଥିଲେ ।

## ମା'କଦଳେଇ ଠାକୁରାଣୀଙ୍କ ଘୋଡ଼ା ପ୍ରତିଷ୍ଠା ଉତ୍ସବ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରାମର ଉପରସାହିର ମା'କଦଳେଇ ଠାକୁରାଣୀଙ୍କ ଘୋଡା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜକ ପଣ୍ଡିତ ଉଗ୍ରସେନ ପଣ୍ଡା ରୀତିନୀତି ଅନୁଯାୟୀ ପୂଜା କରି ଭକ୍ତ ମାନଙ୍କ ପାଇଁ ମା'ଙ୍କ ନିକଟରେ ଗୁହାରି କରିଥିଲେ । ଏହି ଉତ୍ସବରେ ସୁଦର୍ଶନ ସାହୁ ଏବଂ ତାଙ୍କ ପତ୍ନୀ ଶୋଭାବତୀ ସାହୁ ସଙ୍କଳ୍ପରେ ବସିଥିଲେ । ଏହି ମନ୍ଦିରରେ ନରହରି ଦେହୁରୀ ଏବଂ ଶ୍ରୀଧର ଦେହୁରୀ ଓ ଆତୁଳ ମଣ୍ଡଳ ପ୍ରମୁଖ ପୂଜା କରି ଆସୁଛନ୍ତି । ଆଜି ସକାଳୁ କୁଶେଇ ନଦୀରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଭକ୍ତମାନେ କଳସ ବୁଡାଇ ଭଜନ କୀର୍ତ୍ତନ କରି ଗ୍ରାମ ପରିକ୍ରମା କରି ମନ୍ଦିର ନିକଟରେ କଳସ ସ୍ଥାପନ କରିଥିଲେ ।

## ପୂର୍ବତନ ସି.ଆର.ସି.ଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଳୀ ସଭା

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ତରିମୂଳ ଠାରେ ଧନେଇ ନୋଡାଲ ସ୍କୁଲର ଶିକ୍ଷକ ତଥା ପ୍ରାକ୍ତନ ଦେଓଗାଁ ସି.ଆର.ସି. ସ୍ୱର୍ଗତ ହାଡିବନ୍ଧୁ ଓଝାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଶିକ୍ଷକ ନେତା ଦିଲ୍ଲୀପ କୁମାର ରାଉତଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ନନ୍ଦୀ, ଶିଶୁ ସାହିତ୍ୟିକ ଡଃ. ରାମଚନ୍ଦ୍ର ନାୟକ, କବି ପ୍ରଫୁଲ୍ଲ କୁମାର ଚକ୍ର, ରମେଶ ଚନ୍ଦ୍ର ବେହେରା, ଅଧ୍ୟାପକ ନରେନ୍ଦ୍ର ସାହୁ ଓ ନିହାର ରନ ଭୂୟାଁ, ଆଲୋକ କୁମାର ରଣା, ଶିକ୍ଷକ ସଂଘ ପ୍ରତିନିଧି ଶ୍ରୀକାନ୍ତ ପଟ୍ଟନାୟକ, ଉମାକାନ୍ତ ଜେନା,ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଓଝାଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଘଷିପୁରା ବ୍ଲକ ଓ

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି। ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି। ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍। ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଠକ୍ଷଷ୍ଟ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ। ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଠକ୍ଷଷ୍ଟ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଠକ୍ଷଷ୍ଟ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ। ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ। ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ। ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ। ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ। ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ। କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି। ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି। ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ। ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ। ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି। ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁ ମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ। ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି। ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ। ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି। ଏହି ଆପ୍‌ରେ ଫ୍ଲାଗ୍‌ସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି। ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ। ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି। ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ। ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ। ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ। ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି। ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍‌ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି।

## ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି। ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨୦ଠାରୁ ଲାଗୁ ହୋଇଛି। ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ ହୋଇପାରିବ। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି। ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ। ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ। ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି। ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ।

ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ। ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ। ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ। କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ। ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍ସ୍ୟୁରାନ୍ସ କରିପାରିବେ। ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ ଦେଖିପାରିବେ। ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ। ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ। ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪ଙ୍କ୍ଷ୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ। ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ। ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ। ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ୍. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ। ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ। ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ। ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି। ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ। ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ। ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାଓ୍ୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ, ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟର ସାଇକ୍ଲିଙ୍ଗକୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା। ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା। ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି। ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୁଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ। କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ। ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ। ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍'।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋସ୍ପ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ(ଓଏସଏଲ ପ୍ରେଷ୍ଟିଜ୍), (ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି।




# ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କୁ ଦାବିପତ୍ର




କେନ୍ଦ୍ରାପଡ଼ା (ପିଏନ୍): ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ କେନ୍ଦ୍ରାପଡା ପ୍ରଭାଗୀୟ ଶ୍ରମ ସଂସ୍ଥାପକ ତଥା ଜିଲ୍ଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକଙ୍କୁ ଏକ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ଜିଲ୍ଲାର ୧୫ହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ଅଦ୍ୟାବଧି କୋଭିଡ ସହାୟତା ପ୍ରଦାନ କରାନଯିବା, ୩ବର୍ଷରୁ ଅଧିକ ହେବ ପଞ୍ଜିକରଣ ପାଇଁ ଆବେଦନପତ୍ର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଡି ରହିବା, ପଞ୍ଜିକରଣ ପାଇଁ ମହିଳା ଓ ପୁରୁଷଙ୍କ ମଧ୍ୟରେ ଶ୍ରମ କାର୍ଯ୍ୟାଳୟରେ ତାରତମ୍ୟ ଧରାଯିବା, ଦୀର୍ଘ ବର୍ଷ ଧରି ଆବେଦନ କରିଥିବା ଦରଖାସ୍ତକାରୀଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେଥିନିମନ୍ତେ ଶ୍ରମ କାର୍ଯ୍ୟାଳୟ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା, ପୁରୁଣା ଦରଖାସ୍ତ ପଡିରହିଥିବା ବେଳେ ନୂତନ ଦରଖାସ୍ତ ପଞ୍ଜିକରଣ ହେବା ଘଟଣାର ତଦନ୍ତ କରାଯିବା, କୋଭିଡ ସମୟରେ ୨୦ହଜାରରୁ ଉର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକଙ୍କୁ ପ୍ରଦାନ କରାଯାଇଥିବା ପରିଚୟପତ୍ରରେ ବ୍ୟାପକ ଦୁର୍ନୀତିର ତଦନ୍ତ କରାଯିବା, ଜଣେ ଡିଇଓଙ୍କ ଦ୍ୱାରା ନବୀକରଣ ରସିଦ କଟାଯାଉଥିବାରୁ ମାସ ମାସ ଧରି ନବୀକରଣରେ ବିଳମ୍ବର ନିରାକରଣ, ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ କାଳୀନ ସହାୟତା ୬୦ଦିନ ମଧ୍ୟରେ ପ୍ରଦାନର ସରକାରୀ ନିୟମ ଥିବାବେଳେ ଗତ ୨୦୧୭ମସିହାରୁ ସେହି ଆବେଦନପତ୍ର ପଡିରହିବା, ୨୦୧୮ମସିହାରୁ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସାଇକେଲ, ଯନ୍ତ୍ରପାତି ବାବଦ ସହାୟତା ମଞ୍ଜୁରୀ ହୋଇଥିବା ବେଳେ ପ୍ରଦାନ କରାନଯିବା, ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ଛାତ୍ରବୃତ୍ତି ଦରଖାସ୍ତ ଗୁଡିକୁ ତୁରନ୍ତ ମଞ୍ଜୁର କରାଯିବା, ନିର୍ମାଣ ଶ୍ରମିକଙ୍କ ପକ୍କାଘର ଯୋଜନା, ପେନସନ ଯୋଜନା ଏବଂ ଦୁରାରୋଗ୍ୟ ସହାୟତା ଯୋଜନାରେ ଗତ ଦୁଇବର୍ଷ ଧରି ପଡିରହିଥିବା ଆବେଦନପତ୍ରକୁ ତୁରନ୍ତ ମଞ୍ଜୁର କରାଯିବା ପାଇଁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କ ସମେତ ମନୋଜ କୁମାର ପରିଡା, ଭଗବାନ ବେହେରା, ଦିବାକର ବେହେରା, ଅନିରୁଦ୍ଧ ପୃଷ୍ଟି, ମନୋରଞ୍ଜନ ଜେନା, ହରେକୃଷ୍ଣ ମାହାଳି, ପ୍ରଦିପ୍ତ କୁମାର ସାମଲ, କାର୍ତ୍ତିକ ବେହେରା, ଶୁକଦେବ ସାହୁ, ବିଶ୍ୱଜିତ ମିଶ୍ର, ଅମର କୁମାର ସାହୁ ପ୍ରମୁଖ ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୁରଣ ନହେଲେ ସଙ୍ଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହି ଦାବିପତ୍ରର ନକଲ ୫-ଟି ସଚିବ, ଶ୍ରମ କମିଶନର, ଜିଲ୍ଲାର ସମସ୍ତ ବିଧାୟକ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

# କେନ୍ଦ୍ରାପଡା ଏନପିଏସ ଶିକ୍ଷକ ସଙ୍ଘର ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସଂଜୀବନୀ ବିଦ୍ୟାମନ୍ଦିର ପରିସରରେ ଜିଲ୍ଲାର ଏନପିଏସ ଶିକ୍ଷକମାନଙ୍କର ଏକ ବୈଠକ ବରିଷ୍ଠ ଶିକ୍ଷକ ଅରୁଣ ପରମାଣିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ୯ଟି ବ୍ଲକର ଶିକ୍ଷକ, ଶିକ୍ଷୟତ୍ରୀ ଓ ସଙ୍ଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଙ୍ଘର ସାଂଗଠନିକ ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ସମସ୍ତ ଶିକ୍ଷକ ବନ୍ଧୁମାନଙ୍କୁ ପ୍ରଥମେ ସ୍ୱାଗତ କରିଥିଲେ। ଉପସ୍ଥିତ ଶିକ୍ଷକମାନେ ପ୍ରତିମାସରେ ବୈଠକ କରିବା ସହ ସଂଗଠନକୁ ଦୃଢ ଓ ମଜଭୁତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏ ପର୍ଯ୍ୟନ୍ତ ଜିଲ୍ଲାର ଶତାଧିକ ଟେକେନ ଓଭର ଉଚ୍ଚ ବିଦ୍ୟାଳୟର କର୍ମଚାରୀମାନେ ସେମାନଙ୍କ ସପ୍ତମ ବେତନର ଶତକଡା ୧୦ ପ୍ରତିଶତ ବକେୟା ପାଇନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିସହିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଦାୟୀତ୍ୱହୀନତା ପାଇଁ ଅନେକ କର୍ମଚାରୀ ଦୀର୍ଘଦିନ ହେବ ଇନକ୍ରୀମେଣ୍ଟ ବକେୟା ପାଇପାରୁନଥିବା, ମାଟରନିଟି ମଞ୍ଜୁରୀ ପାଇଁ ମଧ୍ୟ ମାସ ମାସ ଅପେକ୍ଷା କରିବାକୁ ପଡୁଥିବା, ବରିଷ୍ଠ ଏସ.ଇ.ଏସ. ଗ୍ରେଡେସନ ତାଲିକା ମଧ୍ୟ ସୁଚାରୁରୂପେ ପ୍ରସ୍ତୁତ




ହୋଇପାରୁନଥିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏସମସ୍ତ ବିଷୟ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ଶିକ୍ଷକମାନେ ଦୃଢମତ ରଖିଥିଲେ। ଏହାବ୍ୟତିତ ୬ବର୍ଷର ଚୁକ୍ତିଭିତ୍ତିକ ସମୟକୁ ରେଗୁଲାର ପିରିୟଡ ସହ ଯୋଗକରିବା ଓ ପୁରାତନ ପେନସନ ବ୍ୟବସ୍ଥାକୁ ପୁନର୍ବାର ଲାଗୁ କରିବା ପାଇଁ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତା ନଭେମ୍ବରମାସ ୭ତାରିଖରେ ସଙ୍ଘର ଏକ ବଡ ଧରଣର ସଭା କରାଯିବାକୁ ସ୍ଥିର କରାଯାଇଥିଲା। ପରିଶେଷରେ ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୋଣାର୍କ ସ୍ଥାପତ୍ୟ କଳା ଓଡିଆ ସାହିତ୍ୟର ହୃତ୍‌ପିଣ୍ଡ




କୋଣାର୍କ (ପିଏନ୍): ସମଗ୍ର ବିଶ୍ୱରେ ଉତ୍କଳୀୟ କଳା ଓ ସଂସ୍କୃତିର ବିଜୟ ବୈଜୟନ୍ତୀ ଉଡାଉଥିବା ବିଶ୍ୱଐତିହ୍ୟ କୋଣାର୍କର ସ୍ଥାପତ୍ୟ କଳା ଓଡିଆ ସାହିତ୍ୟର ହୃତପିଣ୍ଡ ବୋଲି ରବିବାର ଏଠାରେ ଆୟୋଜିତ କୋଣାର୍କ କଳା ଓ ସାହିତ୍ୟ ଉତ୍ସବ-୨୦୨୧ର ଉଦ୍‌ଯାପନୀ ଦିବସରେ ସାରସ୍ୱତ ସାଧକମାନେ ମତବ୍ୟକ୍ତ କରିଛନ୍ତି। ଶତାବ୍ଦୀବ୍ୟାପି ସୂର୍ଯ୍ୟମନ୍ଦିର ଗାତ୍ରରେ ପ୍ରକୀର୍ତ୍ତିତ ପ୍ରତିଟି ସୂକ୍ଷ୍ମ ଭାସ୍କର୍ଯ୍ୟ ଓଡିଆ ଜନଜୀବନର ଗାଥାକୁ ଉଜ୍ଜୀବିତ କରୁଥିବା ଏହାର ବଳିଷ୍ଠ ପ୍ରମାଣ। ରବିବାର ଦିନତମାମ ଆୟୋଜିତ ୮ଟି ସଂପାନରେ ଗଳ୍ପ ଓ କବିତା ସଂପର୍କରେ ଆଲୋଚନା, ପୁସ୍ତକ ସମୀକ୍ଷା ଓ କବିତା ପଠନରେ ଶତାଧିକ କବି, ଗାଳ୍ପିକ, ପ୍ରାବନ୍ଧିକ, ସମୀକ୍ଷକ ଓ ସାହିତ୍ୟପ୍ରେମୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଥମ ସଂପାନରେ ଗପର ଆୟୁଷ - କାହାଣୀ ବନାମ କୌଶଳ ଆଲୋଚନାରେ ଅତିଥି ବକ୍ତାରୂପେ ଡ. ଗୌରହରି ଦାସ, ପ୍ରଦୀପ୍ତ ମହାପାତ୍ର, ଡ. ସରୋଜିନୀ ସାହୁ ଓ ରବି ସ୍ୱାଇଁ ଭାଗନେଇ ଥିଲେ। ଡ. ହିରଣ୍ମୟୀ ମିଶ୍ର ଏହି ସଂପାନର ପରିଚାଳନା କରିଥିଲେ। ଦ୍ୱିତୀୟ ସଂପାନରେ କବିତାର ଆୟୁଷ-ତତ୍କାଳ ବନାମ ଚିରନ୍ତନ ଆଲୋଚନାରେ କ୍ଷୀରୋଦ ପରିଡା, ପବିତ୍ରମୋହନ ଦାଶ ଓ ଇପ୍ସିତା ଷଡଙ୍ଗୀ ଭାଗ ନେଇଥିଲେ। ଏହି ସଂପାନର ପରିଚାଳନା କରିଥିଲେ ଡ. ଜ୍ଞାନୀ ଦେବାଶିଷ ମିଶ୍ର। ତୃତୀୟ ସଂପାନରେ ବ୍ୟଙ୍ଗ ସାହିତ୍ୟ-ବୌଦ୍ଧିକତା ବନାମ ମନୋରଂଜନ ଆଲୋଚନାରେ ରାଧୁ ମିଶ୍ର, ମନ ମାଷ୍ଟ୍ରେ, ଡ. ମୃଣାଳ ଚାଟାର୍ଜୀ ଓ ବଦ୍ରି ମିଶ୍ର ଭାଗ ନେଇଥିଲେ। ଏହି ସଂପାନର ପରିଚାଳନାରେ ଥିଲେ କୁଳାଙ୍ଗାର ବ୍ୟଙ୍ଗକବି। ଚତୁର୍ଥ ସଂପାନରେ ନିଜ ନିଜ ବହି କଥା ବଖାଣିଥିଲେ ବିରଜା ମହାପାତ୍ର, ସଂଜୟ ବରାଳ ଓ ସଂଯୁକ୍ତା ମହାପାତ୍ର। ଏହି ସଂପାନର ପରିଚାଳନା କରିଥିଲେ ଦେବଦତ୍ତ ପତି। ଅପରାହ୍ନ ୨ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ୪ଟି ସଂପାନରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରକାଶଚନ୍ଦ୍ର ଖଟୋଇ, ଶେଖ ଅବଦୁଲ ଖାଲିକ, ଗିରୀଶ ରଂଜନ, ଅଶୋକ ମଲ୍ଲ, ସ୍ୱପ୍ନେଶ୍ୱର ସାହୁ, ଗୋପୀନାଥ କର, ଡ. ସଂତୋଷ ମିତ୍ର, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, ଉମାକାନ୍ତ ମହାପାତ୍ର, ରବୀନ୍ଦ୍ରନାଥ ବାହିନୀପତି, ବିପିନବିହାରୀ ଦଳାଇ ଓ ଭାଗିରଥୀ ସ୍ୱାଇଁ ଅତିଥିରୂପେ ଯୋଗ ଦେଇଥିଲେ। କବିତାପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅର୍ଚ୍ଚନା ଆଚାର୍ଯ୍ୟ, କ୍ରିଷ୍ଣା ମହାପାତ୍ର, ପ୍ରତାପ କୁମାର ରାଉତ, ପ୍ରଶାନ୍ତ କୁମାର ଦାଶ ଓ ସଂପଦ କୁମାର ରଥ। ଏହାପରେ ଓଡିଆ ମିଡିଆର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣା ମୁଖ୍ୟ ଅତିଥି, ବରିଷ୍ଠ କବି ଡ. ବଂଶୀଧର ଷଡଙ୍ଗୀ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ବରିଷ୍ଠ କବି ରକ୍ଷକ ନାୟକ, କବି ଶଂକର ପରିଡା ଓ ସମାଜସେବୀ ଏନ୍.ଏ.ଶାହଃ ଅନସାରୀ ଯୋଗଦେଇ ଏହି ଉତ୍ସବର ସଫଳତାକୁ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ସାରସ୍ୱତ ସାଧକ ଓ ଚିତ୍ରଶିଳ୍ପୀଙ୍କୁ ଓଡିଆ ମିଡିଆ ପକ୍ଷରୁ ସଂବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ପରିଚାଳନାରେ ଫଟୋଗ୍ରାଫର ଗଣେଶ ସାହୁ, ବୀରେନ ସାହୁ ଓ ସମାଜସେବୀ ବିଚିତ୍ର ମହାପାତ୍ର ସହଯୋଗ କରିଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଭଗବାନ ଜେନାଙ୍କ ଧର୍ମପତ୍ନୀ ଭାବପ୍ରୀୟା ଜେନାଙ୍କର ୮୭ବର୍ଷ ବୟସରେ ଦାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ, ବୋହୂ, ଦୁଇ ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଜ୍ୟେଷ୍ଠପୁତ୍ର ଧିରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ସ୍ନେହୀ, ଧର୍ମପରାୟଣା, ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

(ଘଟଣାସ୍ଥଳ: ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ଗ୍ରାମର)

# କୋରୁଆ ବିଦ୍ୟୁତ ସେକସନ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ କୋରୁଆ ଟିପିସିଓଡିଏଲ ସେକସନର କନିଷ୍ଠ ଯନ୍ତ୍ରୀ(ବିଦ୍ୟୁତ) ଅଶ୍ୱିନୀ କୁମାର ସାହୁଙ୍କ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଯନ୍ତ୍ରୀ ଶ୍ରୀ ସାହୁ ସେହି ଅଞ୍ଚଳର ଅନେକ ଲୋକଙ୍କ ଠାରୁ ଟିପିସିଓଡିଏଲ ଏବଂ ଅନ୍ୟ ସରକାରୀ ସଂସ୍ଥାରେ ଚାକିରୀ କରାଇ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବହୁ ଟଙ୍କା ଚଞ୍ଚକତାପୂର୍ଣ୍ଣ ଭାବେ ଭଣ୍ଡାଇ ନେଇଯାଇଛନ୍ତି। ଏହାବ୍ୟତିତ ବହୁ ଲୋକଙ୍କ ଠାରୁ ଲାଞ୍ଚ ନେଇ ସେମାନଙ୍କୁ ସେ ବେଆଇନ ବିଦ୍ୟୁତ କନେକସନ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଶ୍ରୀ ସାହୁଙ୍କ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ବହୁ ଅଭିଯୋଗ ଲୋକମାନେ ପୂର୍ବରୁ କରିଛନ୍ତି। ଏମିତିକି ପାଟକୁରା ଥାନାରେ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ପଞ୍ଜିକୃତ ହୋଇଛି। ତେଣୁ ତାଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାନ୍ତ କୁମାର ଜେନା ଓ ସୌଭାଗ୍ୟ ସୁନ୍ଦର ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ରାଜଧାନୀ-୯୧ ପକ୍ଷରୁ 'ସ୍ମରଣିକା ସ୍ମରଣେ' ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍)- ସ୍ମୃତି କେବେ ଲିଭେନା କି ବନ୍ଧୁତା କେବେ ମରେନା। ଏହିଭଳି ଏକ ଚିନ୍ତାଧାରାକୁ ନେଇ ରାଜଧାନୀ ମହାବିଦ୍ୟାଳୟ ୧୯୯୧ର ସ୍ନାତକ ଶ୍ରେଣୀର ପୂର୍ବତନ ସହାପଠୀମାନଙ୍କ ସମଷ୍ଟିରେ ଗଠିତ ଟ୍ରଷ୍ଟ 'ରାଜଧାନୀ-୯୧' ପକ୍ଷରୁ ଅନୁଷ୍ଠାନର ସକ୍ରିୟ ସଦସ୍ୟା ସ୍ମରଣିକା ଦାସଙ୍କ ଦୁଃଖଦ ବିୟୋଗରେ 'ସ୍ମରଣିକା ସ୍ମରଣେ' ଅନୁଷ୍ଠିତ ହୋଇଯାଇଛି। ପୁରାତନ ତଥା ଅନ୍ତରଙ୍ଗ ବନ୍ଧୁମାନେ ନିଜର ଆପଣାର ବାନ୍ଧବୀ ସ୍ମରଣିକାଙ୍କର ସ୍ମୃତିରେ ଏକତ୍ରିତ ହୋଇଥିଲେ। କାରଗାରରେ ସଜା କାଟୁଥିବା ବ୍ୟକ୍ତିମାନଙ୍କର ଏକୁଟିଆ ପଡିଯାଇଥିବା ସନ୍ତାନମାନଙ୍କୁ ନେଇ ପ୍ରତିଷ୍ଠିତ ଭୁବନେଶ୍ୱରର ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନଠାରେ ସେହି ପିଲାମାନଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମରଣିକାଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା ସହ ସାମୂହିକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଖାତା ଓ କଲମ ମଧ୍ୟ ବିତରଣ କରାଯାଇଥିଲା। ରାଜଧାନୀ-୯୧ର ସଭାପତି ଦେବପ୍ରସାଦ ପରିଜା, ଉପ-ସଭାପତି ଅପୂର୍ବ କୁମାର ମହାନ୍ତି, ସଂପାଦିକା ରିତା ପାଣିଗ୍ରାହୀଙ୍କ ସମେତ ଏହି କାର୍ଯ୍ୟକ୍ରମରେ ରାଜଧାନୀ-୯୧ର ସଭ୍ୟା ସିମାଲି ଦାସ, ସ୍ମୃତି ମହାନ୍ତି, ବନ୍ଦିତା ଦାସ, ସଂଜୀବ ମିଶ୍ର, ସତ୍ୟପ୍ରିୟ ସାହୁ, ସଂଗ୍ରାମ ଦାସ, ସୁଶାନ୍ତ ଦାଶ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ମରଣିକାଙ୍କ ପରିବାର ସଦସ୍ୟ ସ୍ୱାମୀ ରାଜେନ୍ଦ୍ର କୁମାର ଦାସ, ପୁତ୍ର ଦୁଷ୍ୟନ୍ତ କୁମାର ଦାସ, କନ୍ୟା ରଶ୍ମୀସ୍ୱେତା ଦାସ ଓ ଭାଇ ଶକ୍ତି ଶଂକର ମହାନ୍ତି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


## DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

**TARIFF:** 10c.m.x4cm: Rs.8,000/-(One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS/ASTROLOGERS/VASTU EXPERTS ?

Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**

**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

**ADMISSION ON**

**MAHARISHI PUBLIC SCHOOL**
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶପଥ ପାଠ



ବାଲେଶ୍ୱର (ପିଏନ୍)- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥପାଠ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଘଟିକାରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ଏନଡିଆରଏଫ ଯବାନମାନେ ଏଥିରେ ଯୋଗ ଦେଇ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ଦୁର୍ନୀତି ବିରୋଧରେ ସଂଗ୍ରାମ ଏବଂ ଏହାର ମୂଳୋତ୍ପାଟନ ପାଇଁ ଶପଥ ନେଇଥିଲେ। ଶପଥ ପାଠର ମହତ୍ୱକୁ ବୁଝିବା ଏବଂ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଏହି ଅବସରରେ ପରାମର୍ଶ ଦେଇଥିଲେ । ପ୍ରତିଦିନ ଆମେ ସମସ୍ତେ ଏଥିପାଇଁ ଐକ୍ୟବଦ୍ଧ ଭାବେ ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ସୂଚନା ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଏହାର ସଂଯୋଜନା କରିଥିଲେ । ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲା ସଦର ମହକୁମା ଏବଂ ବ୍ଲକ ସ୍ତରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଆଜି ଏହି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଲଗାଣବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପାଇଁ ଦାବି

କେନ୍ଦ୍ରାପଡ଼ା (ପିଏନ୍): ଗତ ଲଗାଣ ବର୍ଷାରେ ଧାନଫସଲ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଡୋଳ ପଞ୍ଚାୟତର ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ ଗତ ୨୦୨୦ ମସିହାରେ ହୋଇଥିବା ଲଗାଣବର୍ଷାରେ ଡୋଳ ପଞ୍ଚାୟତର ଖରିଫ ଧାନ ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। କୁତରଙ୍ଗ ସମବାୟ ସମିତିରୁ ଋଣ କରି ଚାଷ କରିଥିବା ଏହି ଚାଷୀମାନେ କ୍ଷତିପୂରଣ ପାଇପାରିନାହାନ୍ତି। ସମିତିର ସମ୍ପାଦକ ଅବସର ନେଇଥିବାରୁ ସେ ସଂପୃକ୍ତ କାର୍ଯ୍ୟାଳୟରେ ଚାଷୀମାନଙ୍କ ବୀମା ସମ୍ପର୍କିତ କାଗଜପତ୍ର ଦାଖଲ କରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଶହ ଶହ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବାର ସମ୍ଭାବନା ଦେଖାଦେଇଛି। ତେଣୁ ଏହି ଘଟଣାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀମାନଙ୍କ ପକ୍ଷରୁ କୈଳାସ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ଦୈତାରୀ ସାହୁ, ଉମାକାନ୍ତ ସାହୁ, ଗିରିଧାରି ସାହୁ, ତ୍ରିଲୋଚନ ସାହୁ, ରତ୍ନାକର ସାହୁ ପ୍ରମୁଖ ଦାବି କରିଛନ୍ତି।

# କେନ୍ଦ୍ରାପଡା ଡିଏଭି ସ୍କୁଲ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



କେନ୍ଦ୍ରାପଡ଼ା (ପିଏନ୍) : ଦୀର୍ଘ ଦେଢବର୍ଷ ପରେ ଅଷ୍ଟମ ଶ୍ରେଣୀର ପିଲାମାନେ ବିଦ୍ୟାଳୟକୁ ଫେରିଛନ୍ତି। ଯାହାକି ପିଲାମାନଙ୍କ ମଧ୍ୟରେ ଏକ ଉତ୍ସୁକତା ଆଣିଦେଇଛି। ଏହି ଅବସରରେ ସ୍ଥାନୀୟ ଗରାପୁରସ୍ଥିତ କେନ୍ଦ୍ରାପଡା ଡିଏଭି ସ୍କୁଲରେ ଦେଢବର୍ଷ ପରେ ସ୍କୁଲକୁ ଫେରିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍କୁଲର ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ପୁଷ୍ପଗୁଚ୍ଛ ଓ ଚକଲେଟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ଅବସରରେ ଅଧକ୍ଷ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଏହା ଆମମାନଙ୍କ ପାଇଁ ଏକ ଖୁସିର ଅବସର। ଦୀର୍ଘଦିନ ବ୍ୟବଧାନରେ ପିଲାମାନେ ବିଦ୍ୟାଳୟକୁ ଫେରିଛନ୍ତି। ଗୋଟିଏ ମା' ତାର ହଜିଯାଇଥିବା ପୁଅ ବା ଝିଅକୁ ପାଇ ଯେଉଁଭଳି ଆନନ୍ଦିତ ହୁଏ ଠିକ ସେଭଳି ଆମେ ଆଜି ଆନନ୍ଦିତ ହୋଇଛୁ। ଶ୍ରେଣୀକକ୍ଷରେ ସାମାଜିକ ଦୂରତା ରକ୍ଷା ସହିତ ମାସ୍କର ବ୍ୟବହାର ବାଧ୍ୟତା ମୂଳକ କରାଯାଇଛି। ପ୍ରଥମ ଦିବସରେ ୮୫ ପ୍ରତିଶତ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ମମତା ଲେଙ୍କା, ସୁପ୍ରିୟା ବେହେରା, ସୋନାଲି ରାଉତ ଓ ପ୍ରଣୟା ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ପାଇଁ ମାରାଥନ୍




ବାଲେଶ୍ୱର (ପିଏନ୍)-ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଜନସାଧରଣଙ୍କୁ ସଚେତନ କରିବା ପାଇଁ ବାଲେଶ୍ୱର ସହରରେ ଏକ ମାରାଥନ ଦୌଡ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀମାନେ ଏହି ସଚେତନତା ମାରାଥନରେ ସାମିଲ ହୋଇ ରେମୁଣା ଗୋଲେଇ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ପ୍ରାୟ ୫୦ଜଣ ଛାତ୍ରଛାତ୍ରୀ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଭିଜିଲାନ୍ସ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ନରହରି ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତି ସମ୍ପର୍କରେ ସଚେତନ ହୋଇ ଏହାର ମୂଳୋତ୍ପାଟନ ପାଇଁ ସମସ୍ତେ ଉଦ୍ୟମ କରିବାକୁ ଭିଜିଲାନ୍ସ ଏସପି ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପରମେଶ୍ୱର କିଶାନ, ଭିଜିଲାନ୍ସ ଡିଏସପି ଶ୍ରୀ ସନ୍ତୋଷ କୁମାର ସାମନ୍ତରା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ମିଳୁନି ଭତ୍ତା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅଂର୍ଗତ କଣ୍ଟିଗଡିଆ ଗ୍ରାମର ଶ୍ରମିକ ପ୍ରଦୀପ ଦଳେଇଙ୍କ ଦିବ୍ୟାଙ୍ଗ ଝିଅ ପୂଜା ଦଳେଇ(୧୪)ଙ୍କୁ ଭତ୍ତା ମିଳୁନାହିଁ। କଣ୍ଟିଗଡିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ସେ ଦିବ୍ୟାଙ୍ଗ ଭତ୍ତା ପାଇବା ପାଇଁ ବାରମ୍ବାର ଗୁହାରି କରୁଥିଲେ ହେଁ, କେହି ତାଙ୍କ ଦୁଃଖ ଶୁଣୁନଥିବା କ୍ଷୋଭର ସହ କହିଛନ୍ତି । ଏପରିକି ସେ ଭତ୍ତା ପାଇବାପାଇଁ ଅନଲାଇନରେ ମଧ୍ୟ ଆବେଦନ କରିଛନ୍ତି । ଜନ୍ମ ବେଳରୁ ସେ ଦୃଷ୍ଟିଶକ୍ତି ହରାଇଥିବା ବେଳେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି । ତେବେ ପୂଜା ନିଜ ଦୁର୍ଦ୍ଦଶା ସଂପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମା' ସରସ୍ୱତୀ ଦଳେଇଙ୍କ ସହିତ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ । ହେଲେ ବିଡିଓ ଅନୁପସ୍ଥିତ ଥିବାରୁ ସେ ଅନ୍ୟ କର୍ମଚାରୀଙ୍କୁ ନିଜ ସମସ୍ୟା ବିଷୟରେ ଅବଗତ କରି ଫେରିଯାଇଛନ୍ତି ।




# ସିନ୍ଦୁର ଫରୁଆ ଭିତରେ ମୁଖ୍ୟମନ୍ତ୍ରୀ : ଜୟନାରାୟଣ ମିଶ୍ର

ଭୁବନେଶ୍ୱର, (ପି.ଏନ): ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିନ୍ଦୁର ଫରୁଆ ଭିତରେ ରହୁଛନ୍ତି । ପଦାକୁ ଆସୁନାହାନ୍ତି । ଏପରିକି ଲୋକସେବା ଭବନ ବା ବିଧାନସଭାକୁ ମଧ୍ୟ ଆସୁନାହାନ୍ତି । ଓଡିଶାକୁ ଆସୁଥିବା କେନ୍ଦ୍ରମନ୍ତ୍ରୀମାନଙ୍କୁ ନିଜ ଘରକୁ ଡାକି କଥାବାର୍ତ୍ତା ହେଉଛନ୍ତି । ଅନ୍ୟ ପଟେ ରାଜନୀତି କରିବା ପାଇଁ ତାଙ୍କ ପାଖରେ ବହୁତ ସମୟ ରହିଛି ଏବଂ ପଦାକୁ ଆସୁଛନ୍ତି ବୋଲି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଛନ୍ତି ଯେ, ନିର୍ବାଚନ ପ୍ରଚାର ଆଳରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଂଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାକୁ ଜିଲ୍ଲା ବୁଲୁଛନ୍ତି । ଏହି ଅବସରରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ସିନ୍ଦୁର ଫରୁଆରୁ ବାହାରି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଯାଉଛନ୍ତି । ଅତୀତରେ କୁଚିଣ୍ଡା ସମେତ ସମଗ୍ର ପଶ୍ଚିମ ଓଡିଶାବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଗସ୍ତ ପୂର୍ବରୁ ୨୨ ଟି ପ୍ରଶ୍ନ କରାଯାଇଛି । କୁଚିଣ୍ଡା ସମେତ ପଶ୍ଚିମ ଓଡିଶାର ଗରୀବ ଲୋକମାନଙ୍କୁ କାହିଁକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାରୁ ବଂଚିତ କରାଯାଇଛି ? କୁଚିଣ୍ଡା ଉପଖଣ୍ଡକୁ ସ୍ୱତନ୍ତ୍ର ଆଦିବାସୀ ଓନ୍ନୟନ ପରିଷଦ ଗଠନ ଓ ସ୍ୱତନ୍ତ୍ର ଆଦିବାସୀ ଜିଲ୍ଲା ମାନ୍ୟତା କେବେ ମିଳିବ ଉନ୍ନତମାନର ଚିକିତ୍ସା ପାଇଁ ଉନ୍ନତମାନର ଡାକ୍ତରଖାନା ପ୍ରତିଷ୍ଠା, ବହୁ ପୁରାତନ କୁଚିଣ୍ଡା କଲେଜକୁ ସଂପୂର୍ଣ୍ଣ ସରକାରୀ ମାନ୍ୟତା କେବେ ପ୍ରଦାନ କରାଯିବ ? ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ପ୍ରତି କ୍ୱିଂଟାଲ ଧାନ ପିଛା ୧୦୦ ଟଙ୍କା ବୋନସ କେବେ ପ୍ରଦାନ କରିବେ ? ୨୦୧୮ ମସିହାରେ କୁଚିଣ୍ଡା ଉପଖଣ୍ଡ ଅଂଚଳବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ୧୬୦ କୋଟି ଟଙ୍କା କେବେ ମିଳିବ ? କୁଚିଣ୍ଡା ଉପଖଣ୍ଡରେ ୩୫ ପ୍ରତିଶତ ଚାଷ ଜମିକୁ କେବେ ଜଳସେଚିତ କରାଯିବାର ପ୍ରଶ୍ନ କରାଯାଇଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ନୂଆ ରୂପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡର ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ପୁରୁଣା ବିଜୁ ସ୍ୱାସ୍ଥ୍ୟକଲ୍ୟାଣ କାର୍ଡ ଜରିଆରେ କେତେ ଜଣଙ୍କୁ ସୁବିଧା ଯୋଗା ଦିଆଯାଇଛି, ଝାରସୁଗୁଡା ଜିଲ୍ଲାର ଲଇକେରା ଓ କିର୍ମିରା ତଥା ସମ୍ବଲପୁର ଜିଲ୍ଲାର ଯୁଜୋମୁରା ବ୍ଲକ ଅଂଚଳକୁ ଆଦିବାସୀ ଅଦ୍ଯୁଷିତ ଅଂଚଳର ମାନ୍ୟତା କେବେ ଦେବେ, ଗତ ବର୍ଷ ଖରିପ ଋତୁରେ ମଣ୍ଡିରେ ମାସ ମାସ ଧରି ଧାନ ପଡି ରହିବା ଓ ବିଭିନ୍ନ ଆଳ ଦେଖାଇ ପଡି ରହିଥିବା ଧାନକୁ କାହିଁକି ଏବଂ କାହା ସ୍ୱାର୍ଥରେ ଉଠାଗଲା ନାହିଁ, ତାର ମଧ୍ୟ ଜବାବ୍ ଦେବାକୁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବୀ କରାଯାଇଛି । ବହୁଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା ପଶ୍ଚିମ ଓଡିଶାର କୌଣସି ମନ୍ତ୍ରୀ ବା ଶାସକ ବିଜେଡିର ବିଧାୟକ ତଥା ନେତାମାନେ ମୁହଁ ଖୋଲିନାହାନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ନୀରବତା ଅବଲମ୍ବନ କରିଛନ୍ତି । 'ମୌନେ ସମ୍ମତି ଲକ୍ଷଣ' ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ମୁହଁ ଖୋଲିବା ସହ ମୃତ ମମିତାଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ନିହାତି ଆବଶ୍ୟକ । ଏଥି ସହ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ମୋବାଇଲ କଲ୍ ରେକର୍ଡ ଯାଂଚ କରାଯିବା ଆବଶ୍ୟକ । ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ପାଇଁ ଶ୍ରୀ ମିଶ୍ର ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ ଓ ଠାକୁର ରଣଜିତ୍ ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏବଂ ରାଜ୍ୟ ଗଣମାଧ୍ୟମ ବିଭାଗ ସହ ପ୍ରମୁଖ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନା ଦୋକାନରୁ ଚୋରି




ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ବଲାଣି ଟାଉନସିପ୍ ବିଷ୍ଣୁମନ୍ଦିର କମ୍ପ୍ଲେକ୍ସ ନିକଟସ୍ଥ ମା ତାରିଣୀ ନାମକ ସୁନା ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନର ଗ୍ରୀଲ ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୂର୍ବରୁ ମଧ୍ୟ ଏହି ଦୋକାନରେ ଚୋରି ହୋଇଥିବା ବେଳେ ପୁନର୍ବାର ଦୁର୍ବୃ□ ଏହି ଦୋକାନକୁ ଟାର୍ଗେଟ କରିଛନ୍ତି । ଦୋକାନ ମାଲିକ ଆନନ୍ଦ ସାହୁଙ୍କ କହିବା ଅନୁଯାଇ ସେ ଦୋକାନରୁ ସମସ୍ତ ଦାମୀ ସୁନା ଗହଣା ପୂର୍ବରୁ କାଢି ନେଇଥିବା ବେଳେ କିଛି ସୁନା ଓ ରୂପା ଗହଣା ମରାମତି ପାଇଁ ଥିବା ବେଳେ ଦୁର୍ବୃ□ ୪୦ ରୁ ୫୦ ହଜାର ଟଙ୍କା ର ସୁନା ଗହଣା ଚୋରି କରି ନେଇଛନ୍ତି । ଏହା ବ୍ୟବୀତ ଦୋକାନରେ ଥିବା ଲୁହା ସିନ୍ଦୁକକୁ ତାଡିବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୁର୍ବୃ□ମାନେ ଅସଫଳ ହୋଇଥିଲେ । ଖବର ପାଇ ବଲାଣି ପୋଲିସ ଘଟଣା ସ୍ଥଳରେ ପହ□ ତଦନ୍ତ ଚଳାଇଛି ।

## ଲିଜ୍‌ଧାରୀ ଚୟନରେ ଅନିୟମିତତା, ଆମରଣ ଅନଶନ




ହାଟଡିହ(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଧିନରେ ତିନୋଟି ବାଲିଘାଟ ନିଲାମ ନିମନ୍ତେ ଗତ ୨୫.୦୮.୨୦ରେ ଚିଠି ନଂ ୫୬୪୦ରେ ନୋଟିସ୍ କରାଯାଇଥିଲା । ଅମୃତପୁର, ଗୋବିନ୍ଦପୁର, ଜମ୍ବିରା ତିନୋଟି ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥି ମଧ୍ୟରୁ ଗୋବିନ୍ଦପୁର ବାଲିଘାଟ ପାଇଁ ୯ଟି ଆବେଦନ ଗ୍ରହଣ କରାଯାଇଥିଲା । ଯେଉଁଥିରେ ୨୪.୦୯.୨୦ ନିଲାମ କରାଯାଇ ୨୫.୦୯.୨୦ରେ ଉକ୍ତ ଘାଟ ପାଇଁ ଗଜେନ୍ଦ୍ର ସାହୁଙ୍କୁ ସ୍ୱୀକୃତି ଦିଆଯାଇଥିଲା । ଦ୍ୱିତୀୟ ସ୍ଥାନରେ ଥିବା ସୁବ୍ରତ ସା ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ ଆଣିଥିଲେ । ଯାହାକୁ ନେଇ ୧୨.୧୦.୨୦ରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଛନ୍ତି । ଏହି ଅନଶନରେ ଉଦୟ ସା, ସୁବ୍ରତ ସା, ବିଶ୍ୱନାଥ ସାହୁ, ମାନସ ଜେନା, ଦୀପା ଜେନା ଉପସ୍ଥିତ ଥିଲେ । ଏସ୍‌ଡିପିଓ ବିଦ୍ୟୁତ୍ ପଣ୍ଡା ଧରଣା ସ୍ଥଳରେ ପହଂଚି ଅନଶନକାରୀଙ୍କୁ ୩ରୁ ୪ଦିନ ମଧ୍ୟରେ ତଦନ୍ତ କରାଯାଇ ନ୍ୟାୟ ଦେବାପାଇଁ ପ୍ରତିଶ୍ରୁତି ଦେଇ ଧାରଣା ସ୍ଥଳରୁ ଉଠାଇ ଦେଇଥିଲେ ।

## ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତ୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲେ। । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହରୋ ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

## ସୈନିକସ୍କୁଲରେ ସ୍ୱର୍ଣ୍ଣିମ ବିଜୟବର୍ଷର ବିଜୟମଶାଲକୁ ସ୍ୱାଗତ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ସୈନିକସ୍କୁଲରେ ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଯୁଦ୍ଧର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତର ବିଜୟ ଗୌରବ ପାଳନର ସ୍ମାରକୀ 'ସ୍ୱର୍ଣ୍ଣିମ ବିଜୟ ବର୍ଷର ବିଜୟ ମଶାଲ 'କୁ ସ୍ୱାଗତ କରାଯାଇଛି । ଏହାସହ ପ୍ରଥମକରି ଚଳିତବର୍ଷ ନାମ ଲେଖାଇଥିବା ଗାର୍ଲ କ୍ୟାଡେଟ୍ ମାନଙ୍କୁ ସ୍ୱାଗତ କରାଯାଇଛି । ଏହି ସ୍ୱର୍ଣ୍ଣିମ ବିଜୟ ମଶାଲକୁ ସୈନିକସ୍କୁଲର ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍.ଡୋମିନିକ୍ ରାୟନ୍ ସହିଦ ସ୍ମୃତିସ୍ତମ୍ଭ ପରିସରରେ ସ୍ୱାଗତ କରିଥିଲେ । ବିଜୟ ମଶାଲକୁ ଏକ ଖୋଲା ଜିପ୍ସି ଗାଡିରେ ବିଦ୍ୟାଳୟର ଶିକ୍ଷାର୍ଥୀ ଏବଂ କର୍ମଚାରୀଙ୍କ ଦ୍ୱାରା ନିର୍ମିତ ମାନବ ଶୃଙ୍ଖଳ ତୋରଣ ଭିତରେ 'ଭାରତ ମାତା କି ଜୟ , ବନ୍ଦେ ମାତରଂ ' ଧ୍ୱନିରେ ସ୍ୱାଗତ ସହିତ ସ୍କୁଲ ପରିସରକୁ ନିଆଯାଇଥିଲା । ବିଜୟ ମଶାଲକୁ ସ୍କୁଲ ଅଡିଟୋରିଅମ୍ ବିବେକାନନ୍ଦ ହଲକୁ ମଧ୍ୟ ନିଆଯାଇଥିଲା । ସେଠାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ୟାଡେଟ୍ ଏବଂ ନୂଆକରି ନାମ ଲେଖାଇଥିବା ଗାର୍ଲ କ୍ୟାଡେଟ୍ ମାନଙ୍କ ଉପସ୍ଥିତିରେ ଦେଶାତ୍ମବୋଧକ ବୋଧକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।ଏହି ଉତ୍ସବରେ ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।ତାଙ୍କ ଅଭିଭାଷଣରେ ସେ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର 'ଜୟଯବାନ, ଜୟକିଷାନ' ସ୍ଲୋଗାନର ଉଦାହରଣ ଦେଇ ଜାତୀୟ ପ୍ରତିରକ୍ଷା ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ କହିଥିଲେ । ଏହି ଉତ୍ସବରେ ଏୟାର୍ ମାର୍ଶାଲ ଜେ.ଏନ୍. ବର୍ମା ,ଏୟାର କମୋଡର ଟି.କେ.ରଥ ,ବ୍ରିଗେଡିଅର ଏଲ.ସି.ପଟ୍ଟନାୟକ , ଏୟାର କମୋଡର ଅରବିନ୍ଦ ମହାନ୍ତି ,ଅମିତାଭ ସ୍ୱାଇଁ , ଏନ୍.ସି.ସି. ଡି.ଡି.ଜି. କମୋଡର ସୋମେନ ବାନାର୍ଜୀ ,କ୍ୟାପ୍ଟେନ୍ ସୁଭାଷଚନ୍ଦ୍ର ଦାସ ,ଗ୍ରୁପ୍ କ୍ୟାପ୍ଟେନ୍ ସଚିନ ଗୁପ୍ତା , କର୍ଣ୍ଣେଲ ରଜନିଶ୍ କାପୁର , ଶ୍ରୀସୌମେନ ଘୋଷ, ପ୍ରଫେସର ଗୌରମା ଏବଂ ଲେଫ୍ଟନାଂଟ କମାଣ୍ଡର ଚିନ୍ମୟ ବେହୁରା ଉପସ୍ଥିତ ଥିଲେ।

## ବିଏସଏଫ୍ ମୁଖ୍ୟାଳୟ ଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସମ୍ମାନ

ଭୁବନେଶ୍ୱର,(ପି.ଏନ):ଭୁବନେଶ୍ୱର ସ୍ଥିତ ସୀମା ସୁରକ୍ଷା ବଳ ସୀମାନ୍ତ ସାମରିକ ମୁଖ୍ୟାଳୟ (ସ୍ୱତନ୍ତ୍ର ଅପରେସନ) ଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇଛି । ଆଜି ପୂର୍ବାହ୍ନରେ ବିଜୟ ମଶାଲକୁ ୧୨୦ ବାଟାଲିୟନ ତରଫରୁ କର୍ଣ୍ଣେଲ ଯଶଓ୍ୱନ୍ତ ସିଂ ସାମରିକ ମର୍ଯ୍ୟାଦାର ସହ ପାଇପ୍ ବ୍ୟାଣ୍ଡ ଶୋଭାଯାତ୍ରା ମଧ୍ୟରେ ସେନା ସୁରକ୍ଷାବଳ(ବି.ଏସ୍.ଏଫ) କାର୍ଯ୍ୟାଳୟରେ ପହଁଚାଇଥିଲେ । ସୀମା ସୁରକ୍ଷା ବଳର ଉପ ମହା ନିରୀକ୍ଷକ (ବି.ଏସ୍.ଏଫ୍) ଧୀରେନ୍ଦ୍ର କୁମାର ମଶାଲକୁ ଭବ୍ୟ ସମ୍ମାନର ସହ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟାଳୟ ଠାରେ ଅବସ୍ଥାପିତ କରାଯାଇଥିଲା । ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପ ମହାନିରୀକ୍ଷକ ଶ୍ରୀ କୁମାର ବି.ଏସ୍.ଏଫ୍ ର ଯବାନମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସୀମା ସୁରକ୍ଷା ବଳ, ଭାରତୀୟ ପଦାତିକ ବାହିନୀ ସହ ସମ ତାଳରେ ବାୟୁସେନା ଏବଂ ନୌସେନା ସହିତ ସାମିଲ ହୋଇ ବୀରତ୍ୱର ଉଲ୍ଲେଖନୀୟ ପରାକାଷ୍ଠା ବଳରେ ପାକିସ୍ତାନକୁ ପରାସ୍ତ କରିଥିଲେ । ଏହି ବିଜୟ ଫଳରେ ବାଂଲାଦେଶ କିପରି ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମ ନେଇଥିଲା, ସେ ସଂପର୍କରେ ଆଲୋକପାତ କରିଥିଲେ । ଏହି ଯୁଦ୍ଧରେ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରିଥିବା ବାୟୁସେନା, ନୌସେନା ସହ ସୀମା ସୁରକ୍ଷା ବଳର ବୀର ଯବାନମାନଙ୍କୁ ବୀର ଚକ୍ର, ପରମବୀରଚକ୍ର ଆଦି ସମ୍ମାନରେ ଭୂଷିତ କରାଯାଇଥିବା ସଂପର୍କରେ ସେ ବିଶେଷ ଭାବେ ବର୍ଣ୍ଣନା କରିଥିଲେ । ଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ବୀର ଯବାନମାନଙ୍କର ତ୍ୟାଗ ଓ ଆତ୍ମୋତ୍ସର୍ଗ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ସେନା ବଳ ଦରଫରୁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ରାଜ୍ୟ କଂଗ୍ରେସର ନୂତନ ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ

ଭୁବନେଶ୍ୱର, (ପି.ଏନ): ଆରମ୍ଭ ହୋଇଛି କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ। ଓଡ଼ିଶା ପ୍ରଭାରୀ ତଥା ଅଖିଳଭାରତୀୟ କଂଗ୍ରେସ କମିଟିର ସାଧାରଣ ସଂପାଦକ ଡ. ଏ ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯାନର ଶୁଭାରମ୍ଭ କରି କହିଛନ୍ତି ଏହି ସଭ୍ୟସଂଗ୍ରହ ଅଭିଯାନ ସାରା ରାଜ୍ୟର ଜିଲ୍ଲାସ୍ତର ଠାରୁ ଆରମ୍ଭ କରି ପଂଚାୟତ ସ୍ତର ପର୍ଯ୍ୟନ୍ତ ଚାଲିବ। ଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସମ୍ଭାଷଣରେ କହିଥିଲେ ଯେ ସଭ୍ୟସଂଗ୍ରହ ହେଉଛି କଂଗ୍ରେସ ଦଳ ପାଇଁ ଏବଂ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ। ଏହି କାର୍ଯ୍ୟକୁ ଅତି ଆଗ୍ରହର ସହିତ ସାରା ରାଜ୍ୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ନିତି ନିୟମ ଅନୁସାରେ ସଭ୍ୟ ସଂଗ୍ରହ କରାଯିବ। ନୂତନ ସଭ୍ୟ ସଂଗ୍ରହ ଗୋଟିଏ ରାଜନୈତିକ ଦଳକୁ ଖାଲି ଅଧିକ ଶକ୍ତିଶାଳୀ କରିନଥାଏ ବରଂ ଏହାକୁ ନୂତନ ଚିନ୍ତା ଓ ଚେତନା ସମିଶ୍ରଣର ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟିକରିଥାଏ।

## ବିଶିଷ୍ଟ ସମାଜସେବୀ ଦୁଃଶାସନ ସ୍ୱାଇଁ ଜଣେ ନିଆରା ବ୍ୟକ୍ତିତ୍ୱ



ଭୁବନେଶ୍ୱର,(ପି.ଏନ): ଓଡିଶାର ଜଣେ ବିଶିଷ୍ଟ ସମାଜସେବୀ ହେଉଛନ୍ତି ଦୁଃଶାସନ ସ୍ୱାଇଁ । ସେ ଖୋର୍ଦ୍ଧା ଓ ଭୂବନେଶ୍ୱର ମହାନଗରରେ ବିଭିନ୍ନ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମମାନ କରିବା ସହ ବିଭିନ୍ନ ସଙ୍ଗଠନ ସହିତ ଜଡିତ ରହି ସଫଳତାର ସହ ସମାଜସେବା କରି ଆସୁଛନ୍ତି । ସେ ଭୂବନେଶ୍ୱର ପଂଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ଓ ଜିଲ୍ଲା ପରିଷଦର ଭୂତପୂର୍ବ ସଦସ୍ୟ ଭାବେ ବିଭିନ୍ନ ଜନହିତକର କାମ ଭୂବନେଶ୍ୱର ମହାନଗର ନିଗମରେ କରିଥିଲେ । ଏଥିସହ ସେ ଲ୍ୟାଣ୍ଡ ଡେଭ୍‌ଲପ୍‌ମେଂଣ୍ଟ କୋ ଅପରେଟିଭି ବ୍ୟାଙ୍କର ସଭାପତି ଭାବେ ରହି ପରିବେଶକୁ ସୁସ୍ଥ ରଖିବା ପାଇଁ ଖୋର୍ଦ୍ଧା ଓ ଭୂବନେଶ୍ୱର ମହାନଗରରେ ବୃକ୍ଷରୋପଣ କରିଆସୁଛନ୍ତି । ସମ୍ପ୍ରତି ସେ ସ୍କାଉଟ୍ ଆଣ୍ଡ ଗାଇଡ୍‌ର ଷ୍ଟେଟ୍ ଆସିଷ୍ଟାଟ୍ କମିଶନର୍ ଭାବେ କାର୍ଯ୍ୟରତ ଅଛନ୍ତି । ବିଗତ ୪ବର୍ଷ ହେଲାଣି ନିଜସ୍ୱ ଅନୁଦାନରେ ଖୋର୍ଦ୍ଧା ଓ କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରତିବର୍ଷ ଅଗଷ୍ଟ ୧୫ତାରିଖ ଓ ଜାନୁଆରୀ ୨୬ତାରିଖରେ ୨ଟି ସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ପିଲାମାନଙ୍କୁ ନିଶୁଳ୍କ ଭାବେ ସ୍କାଉଟ୍ ଓ ଗାଇଡ୍‌ର ଡ୍ରେସ୍ ପ୍ରଦାନ କରାଯାଉଛି । ଏତଦ୍ ବ୍ୟତୀତ ଖୋର୍ଦ୍ଧା ଓ ଭୂବନେଶ୍ୱର ମହାନଗରରେ ଦୀର୍ଘ ୪ବର୍ଷ ଧରି ଜିରୋ କାଜୁଆଲିଟିରେ ପ୍ରତିବର୍ଷ ୫୦ଟି ବରଓସ୍ତ ଗଛ ଲଗାଯାଇ ତା'ର ଯତ୍ନ ନିଆଯାଉଛି । ଏହାଛଡା ଖୋର୍ଦ୍ଧାସ୍ଥିତ ଗୀତାଭବନରେ ଅବସ୍ଥିତ ପତଂଜଳି ଯୋଗକେନ୍ଦ୍ରର ସେ ସଭାପତି ସହ କଳା ଅନୁଷ୍ଠାନ ଘୁଙ୍ଗୁରର ସଭାପତି ଅଛନ୍ତି ଓ ପ୍ରତ୍ୟହ ସକାଳ ୫.୩୦ରୁ ୭ଟା ପର୍ଯ୍ୟନ୍ତ ନିଶୁଳ୍କ ଭାବେ ଯୋଗ ଶିକ୍ଷା ଦିଆଯାଉଛି । ଏବେ ଉକ୍ତ ଯୋଗକେନ୍ଦ୍ରରେ ୩ହଜାର ପ୍ରଶିକ୍ଷାର୍ଥୀ ଯୋଗଶିକ୍ଷା ଲାଭ କରୁଛନ୍ତି । ଏବଂ ଘୁଙ୍ଗୁର କଳା ଅନୁଷ୍ଠାନରେ ନିଶୁଳ୍କ ଭାବେ ପିଲାମାନଙ୍କୁ ଓଡିଶୀ ଗୀତ ସହ ଅନ୍ୟାନ୍ୟ ଗୀତ ଓ ଭଜନ ଆଦି ଶିକ୍ଷା ଦିଆଯାଉଛି । ବିଶିଷ୍ଟ ସମାଜସେବୀ ଦୁଃଶାସନ ସ୍ୱାଇଁ ସତରେ ଜଣେ ନିଆରା ବ୍ୟକ୍ତିତ୍ୱ ଅଟନ୍ତି ।

## 'ଭାଷା ସଂଗମ' ଓ ମୋବାଇଲ ଆପ୍‌ର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ,(ପି.ଏନ): ଦେଶରେ ଦୈନନ୍ଦିନ ବ୍ୟବହୃତ ହେଉଥିବା ସାଧାରଣ କଥା ଗୁଡିକୁ ଏଣିକି ୨୨ଟି ଆଂଚଳିକ ଭାଷାରେ ସ୍କୁଲ ଛାତ୍ରଛାତ୍ରୀମାନେ ଶିଖିପାରିବେ । ଏଥିପାଇଁ ଆଜି ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏକ ଭାରତ ଶ୍ରେଷ୍ଠ ଭାରତ ଅନ୍ତର୍ଗତ ଭାଷା ସଂଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଭାଷା ସଂଗ୍ରାମ ମୋବାଇଲ ଆପ୍ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ ମୋବାଇଲ କୁଇଜ୍ ଗେମ୍ ଆପ'ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ସୋମବାର ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଲୋକାର୍ପଣ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶୁଭାରମ୍ଭ ହୋଇଥିବା ଭାଷା ସଂଗମ ; ଭାଷାର ଏକତା ମାଧ୍ୟମରେ ବିବିଧ ଭାଷାକୁ ପ୍ରୋତ୍ସାହନ ପ୍ରଦାନ କରିବ। ଭାଷା ସଂଗ୍ରାମ ମୋବାଇଲ ଆପରେ ଦେଶରେ ପ୍ରତିଦିନ ବ୍ୟବହୃତ ୧୦୦ଟି ସାଧାରଣ ବାକ୍ୟ ଗୁଡିକୁ ୨୨ଟି ଆଂଚଳିକ ଭାଷାରେ ଉପଲବ୍ଧ କରାଯାଇଛି । ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ଆପ୍ ମାଧ୍ୟମରେ ସାଧାରଣ କଥା ଗୁଡିକର ପ୍ରୟୋଗ ବିଭିନ୍ନ ଭାଷାରେ କ'ଣ କୁହାଯାଏ ଜାଣିପାରିବେ । ଏତଦବ୍ୟତିତ ଏକ ଭାରତ ଶ୍ରେଷ୍ଠ ଭାରତ ମୋବାଇଲ କୁଇଜ ଗେମ୍ ଆପର ବ୍ୟବହାର କରି ଛାତ୍ରଛାତ୍ରୀମାନେ ବିଭିନ୍ନ ରାଜ୍ୟର ସମୃଦ୍ଧ ସଂସ୍କୃତି, ଦେଶର ବୀର ସଂଗ୍ରାମୀ, ଐତିହ୍ୟ, ପରମ୍ପରା, ପର୍ଯ୍ୟଟନ ସ୍ଥଳି, ଭାଷା, ଭୁଗୋଳ, ଇତିହାସକୁ ଅଧିକ ଜାଣିପାରିବେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ଭାଷାକୁ ପ୍ରୋତ୍ସାହନ ଦେବା ଜାତୀୟ ଶିକ୍ଷା ନୀତି ୨୦୨୦ର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ଭାଷାକୁ କ୍ରେଡିଟ୍ ଅର୍ନିଂ ବ୍ୟବସ୍ଥାରେ ଏକତ୍ରିତ କରାଯିବ। ଦେଶ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଅଛି। ଆଜି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ଅଭିନବ ପଦକ୍ଷେପ ଭାରତୀୟ ଭାଷାରେ ଛାତ୍ରଛାତ୍ରୀ ଏବଂ ନାଗରିକଙ୍କୁ ମଧ୍ୟରେ ଶିକ୍ଷା ପ୍ରତି ପ୍ରୋତ୍ସାହନ ପ୍ରଦାନ କରିବ । ବହୁ ଭାଷାରେ ଶିକ୍ଷା ପ୍ରଦାନକୁ ପ୍ରୋତ୍ସାହନ ଦେବାରେ ଅଧିକ ସହାୟକ ହେବ ଏବଂ ଛାତ୍ରଛାତ୍ରୀଙ୍କୁ ଭାରତ ବିଷୟରେ ଅଧିକ ଜାଣିବା ପାଇଁ ଆଗ୍ରହ ସୃଷ୍ଟି କରିବ । ଆଜିର କାର୍ଯ୍ୟକ୍ରମ ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନକୁ ପ୍ରୋତ୍ସାହନ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଆର.ଆର ସିଂହ, ସ୍କୁଲ ଶିକ୍ଷା ଏବଂ ସ୍ୱାକ୍ଷରତା ବିଭାଗର ସଚିବ ଅନିତା କରଓ୍ୱାଲ, ଉଚ୍ଚ ଶିକ୍ଷା ସଚିବବ ସଞ୍ଜୟ ମୂର୍ତ୍ତି, ମାଇଗଭର୍ନାନ୍ସର ସିଇଓ ଅଭିଷେକ ସିଂହ ଏବଂ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ଉପସ୍ଥିତ ଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada



# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Wednesday November 03, 2021 ଭୁବନେଶ୍ୱର ବୁଧବାର, ନଭେମ୍ବର ୦୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାତଦିନିଆ ଜାତୀୟ ସେବା ଯୋଜନା ଶିବିର ଉଦଯାପିତ

ଚଣ୍ଡିଖୋଲ, (ପିଏନ):ଯାଜପୁର ଜିଲ୍ଲା ଚଣ୍ଡିଖୋଲର ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ଏକ ସାତଦିନିଆ ଶିବିର ଉଦଯାପିତ ହେଇଯାଇଛି । ପ୍ରଥମ ଦିନ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡ଼. ବୀରେନ୍ଦ୍ର କୁମାର ମିଶ୍ର ଉଦଘାଟନ କରିଥିବା ବେଳେ ସୋମବାର ମହବିଦ୍ୟାଳୟ ପରିଚାଳନା କମିଟି ସଭପତି ଶ୍ରୀଯୁକ୍ତ ବିନାୟକ ପଣ୍ଡାଙ୍କ ଦ୍ୱାରା ଏହି ସାତଦିନର ଶିବିରଟି ଉଦଯାପିତ ହେଇଥିଲା । ସାତଦିନର ଶିବିରରେ ସ୍ୱଚ୍ଛ ଭାରତ ଅଭିଯାନରେ କଲେଜ ପରିସର ସଫେଇ,ସଡକ ସୁରକ୍ଷା ଉପରେ ସଚେତନତା, କରନା ସଚେତନତା, ଯୋଗର ଉପକାରିତା ଓ ସ୍ୱାସ୍ଥ ସଚେତନତା ଉପରେ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ନେଇଥିଲେ ।ପଡୋଶୀ ରାଣୀବନ୍ଧୀ ଓ ଖଣ୍ଡିଆବନ୍ଧି ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଶିବିରାର୍ଥୀ ମାନଙ୍କ ଦ୍ୱାରା କରାଯାଇଥିଲା । ବିଭିନ୍ନ ଦିବସରେ ଅତିଥିମାନଙ୍କ ମଧ୍ୟରେ ଡ଼.ମନୋଜ କୁମାର ଦାସ,ଡ଼.ରାଜେନ୍ଦ୍ର କୁମାର ପାଢ଼ୀ,ପ୍ରାଧାପକ ଜଟିନ୍ଦ୍ର କୁମାର ରାଉତ , ନିରଞ୍ଜନ ବେହେରା , ଲେଖକ ତଥା କବି ସାମ୍ବାଦିକ ଭକ୍ତଚରଣ ସାହୁ ,ହିରୋ ମୋଟର୍ସର ସୁରକ୍ଷା ଅଧିକାରୀ ସତ୍ୟବ୍ରତ ତ୍ରିପାଠୀ, ଯୋଗ ପ୍ରଶିକ୍ଷକ ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇ ସ୍ୱଛସେବୀମାନଙ୍କୁ ସଚେତନ କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଉପରେ ପରାମର୍ଶ ଦେଇଥିଲେ । ଶିବିରକୁ ଜାତୀୟ ସେବା ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧାପକ ସଲିଲ ରାଜନନ୍ଦନ ମହାନ୍ତି ଓ ଅଧାପିକା ଡ଼. ସୁଜାତା ସେନାପତି ପରିଚାଳନା କରିଥିଲେ ।




## ବିଦ୍ୟାଳୟରେ ପରିଚାଳନା କମିଟି ଗଠନ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ କଂଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା ଚୟନ କରାଯାଇଛି । ଏଥିରେ ବରିଷ୍ଠ ଅଭିଭାବକ ଭିମସେନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ତଥା ସ୍ଥାନୀୟ ପଂଚାୟତର ସରପଂଚ ପ୍ରଶାନ୍ତ କୁମାର ବେହେରା,କଂଟାବାଡ କ୍ଲଷ୍ଟରର ସଂଯୋଜକ ରବୀନ୍ଦ୍ର ନାଥ ସାହୁଙ୍କ ସମେତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଯୋଗ ଦେଇ ବଂଶୀଧର ପାଣିଗ୍ରାହୀ,ଲକ୍ଷ୍ମୀଧର ପଣ୍ଡା,ଯୋଗେଶ୍ୱର ପଣ୍ଡା,ପ୍ରତାପ କୁମାର ପ୍ରଧାନ,ପ୍ରମୋଦ କୁମାର ବେହେରା,ମାଗୁଣୀ ସ୍ୱାଇଁ,ରଶ୍ମିତା ଦାଶ,ରାଣୀ ମହାନ୍ତି,ରିନୁ ଗୁରୁ,ସୁକାନ୍ତି ନାୟକ,ମାନସୀ ସେଠୀ, ନିଶାମଣୀ ସାହୁଙ୍କୁ ସଦସ୍ୟ ଭାବେ ମନୋନୀତ କରିଥିଲେ । ପରେ ସଦସ୍ୟଙ୍କ ମଧ୍ୟରେ ବଂଶୀଧର ପାଣିଗ୍ରାହୀ ପରିଚାଳନା କମିଟି ସଭାପତି ଓ ରାଣୀ ମହାନ୍ତିଙ୍କୁ ଉପସଭାପତି ଭାବରେ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ନାରାୟଣ ମାନସିଂହ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଉମାବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂଚୟ ପକ୍ଷ ପାଳନ ଅବସରରେ ସଂଚୟ ରଥ ର ଶୁଭାରମ୍ଭ

ବାଲେଶ୍ୱର ,(ପି.ଏନ): ସଂଚୟ ପକ୍ଷ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ଆନୁକୂଲ୍ୟରେ ଏକ ସଂଚୟ ରଥ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବିଭିନ୍ନ ଅଂଚଳ ପରିକ୍ରମା କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବାର୍ତା ପହଂଚାଇଛି । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅଯଥା ଖର୍ଚ୍ଚରୁ ନିଜକୁ ଦୂରେଇ ରଖି ମିତବ୍ୟୟୀ ହେବା ଏବଂ ସଂଚୟକୁ ଏକ ଅଭ୍ୟାସରେ ପରିଣତ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ବ୍ୟକ୍ତିର ଆର୍ଥିକ ନିରାପତା ସୁଦୃଢ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ପ୍ରଜ୍ଞା ମିଶ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ସଚେତନତା ରଥର ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ସ୍ୱଳ୍ପ ସଂଚୟ ଅଭିକର୍ତାଗଣ, ସ୍ୱଳ୍ପ ସଂଚୟ ବିଭାଗର ସ୍ୱର୍ଣ୍ଣପ୍ରିୟା ଦାସ ଓ ବାସୁଦେବ କର ପ୍ରମୁଖ ଉପସ୍ଥିତ ଥିଲେ । ସଂଚୟର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ମିତବ୍ୟୟୀ ହେବା ପାଇଁ ସେମାନଙ୍କୁ ପ୍ରବର୍ତାଇବା ଉଦ୍ଦେଶ୍ୟରେ ଏହି ରଥ ବାହାରିଥିବା ବେଳେ ଆଜି ଏହି ରଥ ସହର ସନ୍ନିକଟ କୁରୁଡା,ନେତି, ପାଟଣା ଇତ୍ୟାଦି ଗ୍ରାମ ସହ ସମଲପୁର, ଶୋଭାରାମପୁର, ଅଙ୍ଗାରଗାଡିଆ ଇତ୍ୟାଦି ଅଂଚଳ ପରିକ୍ରମା କରିଥିଲା । ଏହି ଅବସରରେ ସ୍ୱଳ୍ପ ସଂଚୟ ଯୋଜନା ସମ୍ପର୍କିତ ପ୍ରଚାରପତ୍ର ଲୋକମାନଙ୍କ ମଧ୍ୟରେ ବଂଟନ କରାଯାଇଥିଲା ।

## ରେଳ ଧାରଣାରେ କଟି ମହିଳାଙ୍କ ମୃତ୍ୟୁ



ଚଣ୍ଡିଖୋଲ , (ପିଏନ ): ଡେଥ ଜୋନ ପାଲିଟିଛି ଧାନମଣ୍ଡଳ -ହରିଦାସପୁର ରେଳ ଧାରଣାର ମଧମ ସ୍ଥଳ ଖୋସାଲିପୁର ନିକଟ ରେଳ ଧାରଣା ରାସ୍ତା । ଖୋସାଲିପୁର ରେଳ ଫାଟକ ଠାରୁ ୨୦୦ ମିଟର ବ୍ୟବଧାନରେ ଏକ ସପ୍ତାହରେ ୩ ଟି ମୃତ୍ୟୁ ଦେହ ମିଳିଲାଣି ଯାହାକୁ ନେଇ ସାଧାରଣରେ ଚର୍ଚ୍ଚାହେଉଛି ।ଏକ ସପ୍ତାହ ମଧରେ ଦୁଇଟି ମୃତ୍ୟ ଦେହ ମିଳିଥିବା ବେଳେ ଆଜି ସକାଳୁ ଆଉ ଜଣେ ମହିଳାଙ୍କ ମୃତ୍ୟୁଦେହ ମିଳିଛି । ଆଜି ସକାଳୁ ସ୍ଥାନୀୟ ଅଂଚଳର ଜନସାଧାରଣ ରେଳ ଧାରଣାରେ ଏକ ମହିଳାଙ୍କ ମୃତ୍ୟ ଦେହ ପଡିଥିବା ଦେଖିବାକୁ ପାଇଥିଲେ । ଘଟଣା ସ୍ଥଳରେ ଯାଜପୁର ରେଳ ବିଭାଗ ପୋଲିସ ସେକ ହବିବୁଲ୍ଲା ରେହେମାନ ପହଂଚି ମୃତ୍ୟଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠେଇଥିଲେ । ତେବେ ମହିଳା ଜଣଙ୍କ ନିକଟରେ ଥିବା ଖଣ୍ଡିଆବନ୍ଧର ଏକ ସ୍ଥାନରେ କିଛିଦିନ ହେଲା ରହିଆସୁଥିଲା ଓ ସେ ବଙ୍ଗାଳି ଭାଷାରେ କଥାବାର୍ତା କରୁଥିଲା । ମହିଳାଙ୍କ ମାନସିକ ବିକୃତି ମଧ ଥିଲା ବୋଲି ଜଣାଯାଇଛି । କୌଣସି କାରଣରୁ ଆଜି ସଖାଳେ ମହିଳା ଜଣଙ୍କ ରେଳ ଧାରଣା ନିକଟକୁ ଆସିଥିଲା ଓ ରେଳଧାରଣାରେ କଟିଯାଇଥିବା ଅନୁମାନ କରାଯାଉଛି ।

## ପୂର୍ଣ୍ଣ ଶିକ୍ଷକ ଦାବୀରେ ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘର ସାମ୍ବାଦିକ ସମ୍ମିଳନୀ




ଭୁବନେଶ୍ୱର,(ପି.ଏନ): ଓଡିଶା ସରକାରଙ୍କର ବିଦ୍ୟାଳୟ ଗଣଶିକ୍ଷା ବିଭାଗରେ ୨୦୧୩ମସିହାଠାରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତି ପାଇଥିବା ସାମୟିକ କଳା(ଭିଜୁଆଲ ଆର୍ଟ / ପରଫର୍ମିଂ ଆର୍ଟ) ଏବଂ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଭାବେ ଦୀର୍ଘ ଆଠ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିଯୁକ୍ତି ପାଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ବିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଛନ୍ତି । ମାତ୍ର ଦୁଃଖର ସହ କହିବାକୁ ପଡୁଛି ଯେ, ମହାସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ସଚିବ,ଏସ୍‌ପିଡି ଡାଇରେକ୍ଟରଙ୍କ ସହିତ ଦେଖାକରି ଏହି ବିଷୟରେ ଆଲୋଚନା କରିବା ସତ୍ତ୍ୱେ ଶିକ୍ଷକମାନଙ୍କର ପାର୍ଟ୍ ଟାଇମ୍ ଉଚ୍ଛେଦ କରି ପୂର୍ଣ୍ଣ ଶିକ୍ଷକର ମାନ୍ୟତା ଦେବାରେ ଓଡିଶା ସରକାରଙ୍କର କୌଣସି ନିଘା ହିଁ ନାହିଁ । ଏଥି ସହିତ ବିଗତ ଦିନମାନଙ୍କରେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାଂସଦ ଏବଂ ରାଜ୍ୟର ସମସ୍ତ ଜିଲ୍ଲା ଓ ଜିଲ୍ଲାପାଳମାନଙ୍କୁ ସେମାନଙ୍କ ଦାବୀ ସମ୍ପର୍କୀୟ ପତ୍ର ପ୍ରଦାନ ସହ ଏହି ସମ୍ପର୍କୀତ ତଥ୍ୟଭିର୍ତିକ ଆଲୋଚନା କରି ଆସୁଅଛୁ । ମାତ୍ର ବିଗତ ଦଶହରା ଭେଟିରେ ଓଡିଶା ସରକାର ବିଭିନ୍ନ ବିଭାଗୀୟ ଠିକା କର୍ମଚାରୀମାନଙ୍କୁ ପୂଜା ଭେଟି ସ୍ୱରୂପ ବିଭିନ୍ନ ପ୍ରକାରର ଭେଟି ପ୍ରଦାନ କରିଥିବା ବେଳେ ସାମୟିକ ପ୍ରଶିକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି । ଏଥିସହ ସମସ୍ତ ବିଭାଗୀୟ କର୍ମଚାରୀ ଓ ଅବସରପ୍ରାପ୍ତ ପେନ୍‌ସନ୍ ଭୋଗୀମାନଙ୍କ ୨୮% ମହଙ୍ଗାଭର୍ତା ବୃଦ୍ଧି କରିଛନ୍ତି । ଏହି କ୍ଷେତ୍ରରେ ଜଣେ ସାମୟିକ ପ୍ରଶିକ୍ଷକ ସର୍ବାଧିକ ମାସିକ ୫୪୫୨.୦୦ଟଙ୍କାରେ ନିଜର ପରିବାର ପ୍ରତିପୋଷଣ କରିବା କିଭଳି ସମ୍ଭବ ? ଏହା କ'ଣ ପ୍ରଶିକ୍ଷକମାନଙ୍କ ପାଇଁ ମହଙ୍ଗା ପରିସ୍ଥିତିରେ ଗତି କରୁଥିବା ସରକାରଙ୍କ ନଜରକୁ ଆସୁନାହିଁ କି ? ତେଣୁ ଓଡିଶା ଚୁକ୍ତିଭିର୍ତିକ ନିୟମ ୨୦୧୩ ସଂଶୋଧନ ବିଲ୍ ଲାଗୁ ନ କରି ସମସ୍ତ ପ୍ରଶିକ୍ଷକ ଏଥିରୁ ବଂଚିତ ହୋଇ ସମ୍ପୂର୍ଣ୍ଣ ମର୍ମାହତ ହୋଇଛନ୍ତି । ଏଣୁ ସେମାନେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରିଛନ୍ତି ଯେ, ଆଗାମୀ ଦିନରେ ସେମାନଙ୍କର ଦାବୀକୁ ଯଥାଶୀଘ୍ର ପୂରଣକରି ସେମାନଙ୍କୁ ଭେଟି ସ୍ୱରୂପ ପ୍ରଦାନ କଲେ, ସେମାନେ ଓଡିଶା ସରକାରଙ୍କ ନିକଟରେ କୃତଜ୍ଞ ହୋଇ ରହିବେ । ନଚେତ୍ ଆଗାମୀ ଦିନରେ ସଂଘ ଯେଉଁ କଠୋର ନିଷ୍ପତ୍ତି ଗ୍ରହଣ କରିବ, ସେଥିପାଇଁ ଓଡିଶା ସରକାର ସଂପୂର୍ଣ୍ଣ ଦାୟୀ ରହିବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ଓଡିଶା କଳା ଓ କ୍ରୀଡା ମହାସଂଘର ରାଜ୍ୟ ସମ୍ପାଦକ ହରିହର ବେହେରା ଏବଂ ସଂଘର ଅନ୍ୟାନ୍ୟ ରାଜ୍ୟ କର୍ମକର୍ତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ଜଙ୍ଗଲୀ ବାରହାଙ୍କ ଉତ୍ପାତ ଫସଲ ନଷ୍ଟ,ଚିନ୍ତାରେ ଚାଷୀ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର କିଛି ଅଂଚଳରେ ଜଙ୍ଗଲୀ ବାରହା ଉତ୍ପାତ ଯୋଗୁ ଚାଷୀଟିର ବର୍ଷ ଯାକ ହାଡଭଙ୍ଗା ପରିଶ୍ରମ କରି ବହୁ କଷ୍ଟରେ ଧାନ ଫସଲ କରିଥିବାରୁ ଅମଳ ସମୟରେ ନଷ୍ଟ ହେଉଥିବାରୁ ଚିନ୍ତାରେ ପଡି ଯାଇଛି । ଏହି ଜଙ୍ଗଲୀ ବାରହା ସିମୋର, କଂଟାମଳିମ, ଭୋଗଡା, ବଡବେରଣା , ଗୋବିନ୍ଦପୁର, କୋଲୁହା ପାଟଣା ଓ କଂଟାବାଡ ଆଦି ଅଂଚଳ ମାନଙ୍କରେ ରାତ୍ରରେ ଆସି ନଷ୍ଟ କରୁଥିବାର ଲୋକମାନେ କହିଛନ୍ତି । ଏଥିପାଇଁ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଗଲେ କେତେକାଂଶରେ ଶ୍ରମର ମୂଲ୍ୟ ଲାଘବ ହୋଇ ପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ ମାନେ ଦାବୀ କରିଛନ୍ତି ।

## ଅଶୋକନଗର ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟର ଦୀପାବଳି ବନ୍ଧୁମିଳନ



ଭୁବନେଶ୍ୱର, (ପି.ଏନ): ଆଜି ୟୁନଟ୍ ୨ ଅଶୋକନଗର ମାର୍କେଟ ବିଲଡିଙ୍ଗ୍‌ଠାରେ ଏ ଅଂଚଳର ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଦୀପାବଳି ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ କଟକଣା ମାନି ସ୍ୱଳ୍ପ ସଂଖ୍ୟକ ସଭ୍ୟମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଟାବାଂଝିର ପୂର୍ବତନ ବିଧାୟକ ଆୟୁବ ଖାଁ, ସମ୍ମାନିତ ଅତିଥି ଭାବେ ବିଜେଡିର ସଂଖ୍ୟାଲଘୁ ସମ୍ପ୍ରଦାୟର ଉପସଭାପତି ଏସ୍.କେ ଅବଦୁଲ୍ ଗନି ହୁସେନ୍, ଏସ୍.କେ ଦିଲ୍‌ଦାର ମହମ୍ମଦ(ସିଟି ପ୍ରେସିଡେନ୍‌ଟ), ସାମ୍ବାଦିକ ଶ୍ରୀ ଅନୀଲ ପ୍ରସାଦ ମିଶ୍ର,ଶେଖ୍ ଆଜାଦ୍ ଅଲ୍ଲୀ(ମୁନ୍ନା),ଏମ୍‌ଡି କରୀମ୍ ପ୍ରମୁଖ ମଂଚାସୀନ ଥିଲେ । ସଭାରେ ମୁଖ୍ୟତଃ ଏଅଂଚଳର ଆଇନ୍ ଶୃଙ୍ଖଳା, ଭାଇଚାରା ଓ ଅପରାଧ ପ୍ରବଣତା ଠାରୁ ଦୂରେଇରହିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶାନ୍ତିଶୃଙ୍ଖଳାର ସହିତ ବ୍ୟବସାୟ ବାଣିଜ୍ୟ କରିବା ଏବଂ ଲୋକମାନଙ୍କ ସହିତ ସୁସମ୍ପର୍କ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସ୍ଥାନୀୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ଭାବେ ଏସ୍ କେ ଆଜାଦ୍ ଅଲ୍ଲୀ(ମୁନ୍ନା)ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସଭାପତି ତାଙ୍କର ନିଜର କାର୍ଯ୍ୟଶୈଳୀକୁ ଠିକ୍ ଭାବରେ କରିବା ପାଇଁ ସମ୍ପାଦକ ଓ ଅନ୍ୟାନ୍ୟ ପଦାଧିକାରୀଙ୍କୁ ଚୟନ କରିବେ ବୋଲି ନିଷ୍ପତ୍ତି ଗୃହିତ ହୋଇଥିଲା । ଶେଷରେ ଦୀପାବଳିର ଶୁଭେଚ୍ଛା ଜଣାଇ ସମସ୍ତଙ୍କୁ ଦୀପ ପ୍ରଦାନ ସହିତ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray